ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.23 Bhubaneswar Sunday, February 27, 2022 ୨୫ତମ ବର୍ଷ ସଂଖ୍ୟା–୨୩ ଭୁବନେଶ୍ୱର ରବିବାର, ଫେବୃଆରୀ ୨୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ପଂଚାୟତ ନିର୍ବାଚନରେ ବିପୁଳ ବିଜୟ ଆଡକୁ ଅଗ୍ରସର ହେଉଛି ବିଜେଡି : ୨୭୮ଟି ଆସନରେ ବିଜେଡି ଆଗରେ

ଭୁବନେଶ୍ୱର, ୨୬।୨(ପି.ଏନ): ରାଜ୍ୟରେ ସମ୍ପନ୍ନ ହୋଇଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ମତଗଣନା ଶନିବାର ଦିନ ଆରମ୍ଭ ହୋଇଛି । ପ୍ରଥମ ଦିନର ଟ୍ରେଣ୍ଡରୁ ବିଜେଡି ବିପୁଳ ବିଜୟ ଆଡକୁ ଅଗ୍ରସର ହେଉଥିବା ସ୍ପଷ୍ଟ ହେଉଛି । ପ୍ରଥମ ଦିନ ଗଣତିରେ ୩୧୫ ଟି ଆସନର ଟ୍ରେଂଡ ଜଣା ପଡିଥିଲା ବେଳେ ବିଜେଡି ପ୍ରାର୍ଥୀ ମାନେ ମୋଟ ୨୭୮ଟି ଆସନରେ ଆଗୁଆ ରହିଛନ୍ତି । ସେହିପରି ବିଜେପି ୧୭ଟି ତଥା କଂଗ୍ରେସ ୧୬ଟି ଆସନରେ ଆଗୁଆ ରହିଛି । ଅନ୍ୟାନ୍ୟ ୪ଟି ଆସନରେ ଆଗୁଆ ଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ମୋଟ ୧୮ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ୮ଟି ଆସନର ଟ୍ରେଣ୍ଡ ସମ୍ପର୍କରେ ଜଣା ପଡିଛି । ସବୁ ୮ଟି ଆସନରେ ବିଜେଡି ଆଗୁଆ ରହିଛି। ବୌଦ୍ଧ ଜିଲ୍ଲାର ମୋଟ ୯ଟି ଆସନ ମଧ୍ୟରୁ ୩ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଗୋଟିଏ ଆସନରେ ବିଜେପି ଆଗୁଆ ରହିଛି । ବଲାଙ୍ଗୀର ଜିଲ୍ଲାର ମୋଟ ୩୪ଟି ଆସନ ମଧ୍ୟରୁ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ୨ ଆସନରେ ବିଜେପି ଆଗୁଆ ରହିଛି ।ବରଗଡ ଜିଲ୍ଲାର ମୋଟ ୩୪ଟି ଆସନ ମଧ୍ୟରୁ ୧୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୦ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ୨ ଆସନରେ ବିଜେପି ଆଗୁଆ ରହିଛି ।ବାଲେଶ୍ୱର ଜିଲ୍ଲାର ମୋଟ ୪୫ଟି ଆସନ ମଧ୍ୟରୁ ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଆସନରେ ଆଗୁଆ ରହିଛି ।ଭଦ୍ରକ ଜିଲ୍ଲାର ମୋଟ ୨୮ଟି ଆସନ ମଧ୍ୟରୁ ୭ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୭ଟି ଆସନରେ ବିଜେଡି ଆଗୁଆ ରହିଥିବା ଜଣା ପଡିଛି ।କଟକ ଜିଲ୍ଲାର ମୋଟ ୪୬ଟି ଆସନ ମଧ୍ୟରୁ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ଓ କଂଗ୍ରେସ ୧ -୧ ଆସନରେ ଆଗୁଆ ରହିଛନ୍ତି ।ଦେବଗଡ ଜିଲ୍ଲାର ମୋଟ ୭ ଟି ଆସନ ମଧ୍ୟରୁ ୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୩ଟି ଆସନରେ ବିଜେଡି ଆଗୁଆ ରହିଛି । ଢେଙ୍କାନାଳ ଜିଲ୍ଲାର ମୋଟ ୨୭ଟି ଆସନ ମଧ୍ୟରୁ ୮ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୭ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଆସନରେ ଆଗୁଆ ରହିଛି ।ଗଂଜାମ ଜିଲ୍ଲାର ମୋଟ ୬୯ ଟି ଆସନ ମଧ୍ୟରୁ ୨୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୨୨ ଟି ଆସନରେ ବିଜେଡି ଆଗୁଆ ରହିଛି । ଗଜପତି ଜିଲ୍ଲାର ମୋଟ ୧୪ ଟି ଆସନ ମଧ୍ୟରୁ ୭ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୨ ଆସନରେ ଆଗୁଆ ରହିଛି । ଝାରସୁଗୁଡା ଜିଲ୍ଲାର ମୋଟ ୯ ଟି ଆସନ ମଧ୍ୟରୁ ୫ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୫ ଟି ଆସନରେ ବିଜେଡି ଆଗୁଆ ରହିଛି । ଯାଜପୁର ଜିଲ୍ଲାର ମୋଟ ୩୯ ଟି ଆସନ ମଧ୍ୟରୁ ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୦ ଟି ଆସନରେ ବିଜେଡି ଆଗୁଆ ରହିଛି । ଖୋର୍ଧା ଜିଲ୍ଲାର ମୋଟ ୩୦ଟି ଆସନ ମଧ୍ୟରୁ ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୨ ଆସନରେ ଆଗୁଆ ରହିଛି । କେନ୍ଦୁଝର ଜିଲ୍ଲାର ମୋଟ ୩୭ ଟି ଆସନ ମଧ୍ୟରୁ ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୨ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଆସନରେ ଆଗୁଆ ରହିଛି । କନ୍ଧମାଳ ଜିଲ୍ଲାର ମୋଟ ୧୮ ଟି ଆସନ ମଧ୍ୟରୁ ୧୨ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଓ କଂଗ୍ରେସ ୨ଟି ଆସନରେ ଆଗୁଆ ରହିଛି । କୋରାପୁଟ ଜିଲ୍ଲାର ମୋଟ ୨୯ ଟି ଆସନ ମଧ୍ୟରୁ ୧୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୫ଟି ଓ ଅନ୍ୟ ୧ ଆସନରେ ଆଗୁଆ ରହିଛି । କେନ୍ଦ୍ରାପଡା ଜିଲ୍ଲାର ମୋଟ ୩୨ ଟି ଆସନ ମଧ୍ୟରୁ ୯ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୯ ଟି ଆସନରେ ବିଜେଡି ଆଗୁଆ ରହିଛି । ମାଲକାନଗିରି ଜିଲ୍ଲାର ମୋଟ ୧୫ ଟି ଆସନ ମଧ୍ୟରୁ ୬ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୧ଟି ଆସନରେ ଆଗୁଆ ରହିଛି । ମୟୂରଭଂଜ ଜିଲ୍ଲାର ମୋଟ ୫୬ ଟି ଆସନ ମଧ୍ୟରୁ ୨୬ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୨୩ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଅନ୍ୟ ୩ ଆସନରେ ଆଗୁଆ ରହିଛି । ନବରଙ୍ଗପୁର ଜିଲ୍ଲାର ମୋଟ ୨୬ ଟି ଆସନ ମଧ୍ୟରୁ ୧୦ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ଅନ୍ୟ ୧ ଆସନରେ ଆଗୁଆ ରହିଛି । ନୂଆପଡା ଜିଲ୍ଲାର ମୋଟ୧୪ ଟି ଆସନ ମଧ୍ୟରୁ ୫ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୫ ଟି ଆସନରେ ବିଜେଡି ଆଗୁଆ ରହିଛି । ନୟାଗଡ ଜିଲ୍ଲାର ମୋଟ ୨୪ ଟି ଆସନ ମଧ୍ୟରୁ ୮ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୮ ଟି ଆସନରେ ବିଜେଡି ଆଗୁଆ ରହିଛି । ପୁରୀ ଜିଲ୍ଲାର ମୋଟ ୩୩ ଟି ଆସନ ମଧ୍ୟରୁ ୧୧ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ସମସ୍ତ ୧୧ ଟି ଆସନରେ ବିଜେଡି ଆଗୁଆ ରହିଛି । ରାୟଗଡା ଜିଲ୍ଲାର ମୋଟ ୨୨ ଟି ଆସନ ମଧ୍ୟରୁ ୧୧ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୬ ଟି ଆସନରେ ଆଗୁଆ ରହିଛି । ସମ୍ବଲପୁର ଜିଲ୍ଲାର ମୋଟ ୧୮ ଟି ଆସନ ମଧ୍ୟରୁ ୯ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୮ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଟି ଆସନରେ ଆଗୁଆ ରହିଛି । ସୁବର୍ଣ୍ଣପୁର ଜିଲ୍ଲାର ମୋଟ ୧୩ ଟି ଆସନ ମଧ୍ୟରୁ ୪ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୩ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ କଂଗ୍ରେସ ୧ ଟି ଆସନରେ ଆଗୁଆ ରହିଛି । ସୁନ୍ଦରଗଡ ଜିଲ୍ଲାର ମୋଟ ୩୫ ଟି ଆସନ ମଧ୍ୟରୁ ୧୭ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୧୫ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୧ ଟି ଓ ଅନ୍ୟ ୧ ଆସନରେ ଆଗୁଆ ରହିଛି । କଳାହାଣ୍ଡି ଜିଲ୍ଲାର ମୋଟ ୩୬ ଟି ଆସନ ମଧ୍ୟରୁ ୧୩ ଟି ଆସନ ସମ୍ପର୍କରେ ତଥ୍ୟ ମିଳିଛି । ଏଥି ମଧ୍ୟରୁ ୯ ଟି ଆସନରେ ବିଜେଡି ଆଗୁଆ ଥିବା ବେଳେ ବିଜେପି ୪ ଟି ଆସନରେ ଆଗୁଆ ରହିଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଶନିବାର ସକାଳ ୮ଟାରୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଭୋଟ୍ ଗଣତି ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ରାଜ୍ୟର ୩୧୫ଟି ଜିଲ୍ଲା ପରିଷଦ ଜୋନରେ ଭୋଟ୍ ଗଣତି ହୋଇଛି । ରବିବାର ଆଉ ୩୦୭ଟି ଏବଂ ସୋମବାର ୨୨୯ଟି ଜିଲ୍ଲା ପରିଷଦ ଜୋନ୍ ର ଭୋଟ୍ ଗଣତି ହେବ । ପ୍ରତିଦିନ ଧାର୍ଯ୍ୟ ଜୋନ୍ ର ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ଭୋଟ୍ ଗଣତି ହେବ । ୨୮ତାରିଖ ସୁଦ୍ଧା ସମସ୍ତ ଜୋନ୍ ରେ ଭୋଟ୍ ଗଣତି ଶେଷ ହେବ । ରାଜରେ ଗତ ୧୬ ତାରିଖଠାରୁ ୫ ଟି ପର୍ଯ୍ୟାୟରେ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ମୋଟ ୨.୭୯ କୋଟି ଭୋଟର ୯୧୯୧୩ଟି ବୁଥ୍ ମାଧ୍ୟମରେ ୧ଲକ୍ଷ ୬ହଜାର ୩୫୩ଟି ବିଭିନ୍ନ ପଦବୀ ନିମନ୍ତେ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬% ଓ ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ ରେକର୍ଡ କରାଯାଇଥିଲା । ସେହିପରି ଶେଷ ପର୍ଯ୍ୟାୟରେ ୭୦ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା ।

ବ୍ରିଟେନରେ ବହୁଦେଶୀୟ ଯୁଦ୍ଧାଭ୍ୟାସରେ ସାମିଲ ହେବନି ଭାରତୀୟ ବାୟୁସେନା, ୟୁକ୍ରେନ ସଂକଟରେ ବଦଳିଲା ନିଷ୍ପତ୍ତି

ନୂଆଦିଲ୍ଲୀ ୨୬।୦୨: ଭାରତୀୟ ବାୟୁ ସେନା ୟୁକ୍ରେନ ସଂକଟରୁ ସୃଷ୍ଟି ହୋଇଥିବା ସ୍ଥିତି ଯୋଗୁଁ ଆସନ୍ତା ମାସରେ ବ୍ରିଟେନରେ ହେବାକୁ ଥିବା ବହୁଦେଶୀୟ ଯୁଦ୍ଧାଭ୍ୟାସରେ ସାମିଲ ନହେବାକୁ ନିଷ୍ପତ୍ତି ନେଇଛି । କୋବ୍ରା ୱାରିୟର ନାଁରେ ହେବାକୁ ଥିବା ଏହି ଯୁଦ୍ଧଭ୍ୟାସ ବ୍ରିଟେନରେ ମାର୍ଚ୍ଚ ୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଏହା ପୂର୍ବରୁ ଯୁଦ୍ଧଭ୍ୟାସରେ ସାମିଲ ହେବା ପାଇଁ ଭାରତ ନିଜର ୫ଟି ତେଜସ ଯୁଦ୍ଧ ବିମାନ ପଠାଇବା ବୋଲି ଘୋଷଣା କରିଥିଲା ।ଭାରତୀୟ ବାୟୁ ସେନା ଶନିବାର ଟ୍ୱିଟ କରିଛି, ନିକଟରେ ଘଟିଥିବା ଘଟଣାକ୍ରମକୁ ନଜରରେ ରଖି ବ୍ରିଟେନରେ ହେବାକୁ ଥିବା କୋବରା ୱାରିୟର ଅଭ୍ୟାସ ୨୦୨୨ ପାଇଁ ନିଜର ବିମାନ ନ ପଠାଇବାକୁ ନିଷ୍ପତ୍ତି ନେଇଛି । କିନ୍ତୁ ପରେ ଏହି ଟ୍ୱିଟକୁ ହଟଯାଇଥିବା ହିନ୍ଦୁସ୍ଥାନରେ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଟ୍ୱିଟ କାହିଁକି ହଟା ଗଲା ତାହା ଅସ୍ପଷ୍ଟ ରହିଛି,କିନ୍ତୁ ବରିଷ୍ଠ ଅଧିକାରୀ କହିଛନ୍ତି ଯୁଦ୍ଧାଭ୍ୟାସରେ ଅଂଶଗ୍ରହଣ ନ କରିବା ନିଷ୍ପତ୍ତି କାଏମ ରହିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଭାରତୀୟ ବାୟୁସେନା କୋବ୍ରା ୱାରିୟର ଯୁଦ୍ଧାଭ୍ୟାସରେ ସାମିଲ ହେବ ନାହିଁ।

ଗୋଟିଏ ଦିନରେ ୨୯୩ କରୋନା ଆକ୍ରାନ୍ତ ଚିହ୍ନଟ, ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୪୬୧୬

ଭୁବନେଶ୍ୱର, ୨୬।୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୪୬୧୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୮୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୨୪୨୮ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୦୭୯ ରହିଛି ।ଆଜି ଚିହ୍ନଟ ହୋଇଥିବା ୨୯୩ ଜଣଙ୍କ ମଧ୍ୟରୁ ୧୭୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ସବୁଠାରୁ ଅଧିକ ୩୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩୫ , ବାଲେଶ୍ୱର ଜିଲ୍ଲାରୁ ୯ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧ , କଟକରୁ ୩ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୨, ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨୫, ଗଂଜାମ ଜିଲ୍ଲାରେ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩, ଯାଜପୁରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝରରୁ ୨୦. ଖୋର୍ଦ୍ଧାରୁ ୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୫, ଷ୍ଟେଟ୍ ପୁଲରୁ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, ୨୬।୨(ପି.ଏନ): ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଆଜି ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଅଛି । ସେ ଓଡ଼ିଶାର ଦୁଇଥର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିବା ସହ ୧୯୯୫ ରୁ ୧୯୯୮ ମସିହା ପର୍ଯ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ଓ ଲାଇକୋରା ବିଧାନସଭାକୁ ଲଗାତର ଛଅ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ରୁ ୨୦୧୯ ମସିହା ପର୍ଯ୍ୟନ୍ତ ସୁନ୍ଦରଗଡ଼ର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକଟ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନ ଜ୍ଞାପନ କରିଛନ୍ତି। ଶ୍ରୀ ପଟ୍ଟନାୟକ ତାଙ୍କ ଶୋକ ବାର୍ତ୍ତାରେ ଶ୍ରୀ ବିଶ୍ୱାଳଙ୍କ ବିୟୋଗରେ ରାଜ୍ୟ କଂଗ୍ରେସ ଦଳର ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିବା ସହ ରାଜ୍ୟ ଏକ ସରଳ, ସଚ୍ଚୋଟ ତଥା ବିଶିଷ୍ଟ ଆଦିବାସୀ ନେତାଙ୍କୁ ହରାଇଲା ବୋଲି ପ୍ରକାଶ କରିଛନ୍ତି।

ଯଦି ଭୁଲ କରିଛୁ ଆମକୁ ଶାସ୍ତି ଦିଅ, ରାଜବୀରକୁ ନୁହେଁ

ଭୁବନେଶ୍ୱର,୨୬।୨(ପି.ଏନ): ଇଏ ଏମିତି ଜଣେ ମାଆ, ଯାହାଙ୍କ ଆଖିରୁ ଶୁଖୁନି ଲୁହ। ରୋଗୀଣା ପୁଅକୁ ଧରି ସଞ୍ଜିବନୀ ଖୋଜୁଛି। କାନି ପତାଇ ପୁଅର ଜୀବନ ଭିକ୍ଷା କରୁଛନ୍ତି। ଆଉ ଗୁହାରୀ ହୋଇ କହୁଛନ୍ତି, ଭୁଲ୍? ଯଦି କରିଛୁ ଆମକୁ ଶାସ୍ତି ଦିଅ। ରାଜବୀରକୁ ନୁହେଁ। ରାଜବୀର ହେଉଛନ୍ତି ତମଲିକା ଦାସ ପୁଅ। ସେ ବିରଳ ଝଗଇ(Spinal muscular atrophy) ରୋଗରେ ପୀଡିତ ଅଛନ୍ତି।ତମଲିକା କହିଛନ୍ତି, ଭୁଲ ଯଦି ଆମର, ତାହାହେଲେ ଆମକୁ ଶାସ୍ତି ଦିଅନ୍ତୁ। କିନ୍ତୁ ରାଜବୀରଙ୍କୁ ନୁହେଁ। ସେ ଓଡିଶାବାସୀଙ୍କ ସାହାଯ୍ୟକୁ ଅନାଇ ବସିଛି। ସେ ବଞ୍ଚିବାକୁ ଚାହୁଁଛି। ମୁଁ ତାକୁ ବଞ୍ଚାଇବାକୁ ଚାହୁଁଛି। ମୋର ଏଥିରେ କିଛି ସ୍ୱାର୍ଥ ନାହିଁ। ମୋ ପୁଅକୁ ମୁଁ ବହୁତ ଭଲ ପାଉଛି। କିନ୍ତୁ କିଛି ଲୋକ ମୋତେ ଡ୍ରାମା କରୁଛି ବୋଲି କହୁଛନ୍ତି। ହଁ ମୁଁ ଡ୍ରାମା କରୁଛି। ମୁଁ ଯାହା ବି କରୁଛି, ମୋ ପୁଅକୁ ବଞ୍ଚାଇବା ପାଇଁ କରୁଛି ବୋଲି ତମଲିକା କହିଛନ୍ତି।ସେ ଆହୁରି କହିଛନ୍ତି, ରାଜବୀର

ଟି ଟାଇମ୍

ବର ମାରେ ୩ଥର ଶର

ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

ପୁରାଣ କାହାଣୀ

ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି । ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ୍' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ । ୩୪ବର୍ଷୀୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।

ଆଜିର ଭାଗ୍ୟ

ମେଷ — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍

କେନ୍ଦ୍ରାପଡା ପୌର ନିର୍ବାଚନ ପାଇଁ ତାରିଖ ଘୋଷଣା କଲେ ନିର୍ବାଚନ ଆୟୋଗ

କେନ୍ଦ୍ରାପଡ଼ା (ପିଏନ୍): ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଆଜି ତାରିଖ ଘୋଷଣା କରିଛନ୍ତି। ସେହି ଅନୁଯାଇ କେନ୍ଦ୍ରାପଡା ପୌରପାଳିକା ପକ୍ଷରୁ ବୃତାନ୍ତ ଭୋଟର ତାଲିକା ଗୁରୁବାର ପ୍ରକାଶ ପାଇଛି। କେନ୍ଦ୍ରାପଡା ପୌରପାଳିକା ମୋଟ ୨୧ଟି ୱାର୍ଡର ୩୬ହଜାର ୫୪୮ ମତଦାତା ଆସନ୍ତା ପୌର ନିର୍ବାଚନରେ ୨୧ ଜଣ କାଉନସିଲରଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ପୌରସଂସ୍ଥାର ୧ନମ୍ବର ୱାର୍ଡର ଇଛାପୁର ପ୍ରାଥମିକ ସ୍କୁଲରେ ହୋଇଥିବା ୧ନମ୍ବର ବୁଥରେ ଇଛାପୁର ଓ ମଧଖଣ୍ଡି(ଆଂଶିକ)ଗ୍ରାମର ୮୯୦ ଭୋଟର ଏବଂ ସେହି ସ୍କୁଲରେ ହୋଇଥିବା ୨ନମ୍ବର ବୁଥରେ ୮୮୭ ଭୋଟର ମତଦାନ କରିବେ। ୨ନମ୍ବର ୱାର୍ଡର ବଡବାରଙ୍ଗ ପ୍ରାଥମିକ ସ୍କୁଲରେ ହୋଇଥିବା ୩ନମ୍ବର ବୁଥରେ ବଡବାରଙ୍ଗ, କମାରଖଣ୍ଡି, ସାରଙ୍ଗ, ମଧଖଣ୍ଡି(ଆଂଶିକ), ରାଜାସାହି ଗ୍ରାମର ୯୦୮ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୪ନମ୍ବର ବୁଥରେ ୯୦୭ ଭୋଟର ମତଦାନ କରିବେ। ୩ନମ୍ବର ୱାର୍ଡର ତଳବାରଙ୍ଗ ପ୍ରକଳ୍ପ ଉନ୍ନିତ ଉଚ୍ଚ ପ୍ରାଥମିକ ସ୍କୁଲରେ ହୋଇଥିବା ୫ନମ୍ବର ବୁଥରେ ତଳବାରଙ୍ଗ, ବଡବାରଙ୍ଗ(ଆଂଶିକ), ବଳରାମପୁର(ଆଂଶିକ), ଚକଡାବାରଙ୍ଗ, ଚକଡା(ଆଂଶିକ), ଈଶ୍ୱରପୁର(ଆଂଶିକ) ଗ୍ରାମର ୯୬୯ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୬ନମ୍ବର ବୁଥରେ ୯୭୦ ଭୋଟର ମତଦାନ କରିବେ। ୪ନମ୍ବର ୱାର୍ଡର ଅଯୋଦ୍ଧାନଗର ପ୍ରାଥମିକ ସ୍କୁଲରେ ହୋଇଥିବା ୭ନମ୍ବର ବୁଥରେ ଅଯୋଦ୍ଧାନଗର, ବଳରାମପୁର(ଆଂଶିକ), ଭଗବାନପୁର(ଆଂଶିକ), ଚକଡା(ଆଂଶିକ), ଈଶ୍ୱରପୁର(ଆଂଶିକ) ଗ୍ରାମର ୮୬୫ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୮ନମ୍ବର ବୁଥରେ ୮୬୫ ଭୋଟର ମତଦାନ କରିବେ। ୫ନମ୍ବର ୱାର୍ଡର ଗୋପ ପ୍ରାଥମିକ ସ୍କୁଲରେ ହୋଇଥିବା ୯ନମ୍ବର ବୁଥରେ ଗୋପ, ଭଗବାନପୁର(ଆଂଶିକ), କେଶପୁର(ଆଂଶିକ), ଈଶ୍ୱରପୁର(ଆଂଶିକ)ଗ୍ରାମର ୮୬୦ ଓ ସେହି ସ୍କୁଲରେ ହୋଇଥିବା ୧୦ନମ୍ବର ବୁଥରେ ୮୬୧ ଭୋଟର ମତଦାନ କରିବେ। ୬ନମ୍ବର ୱାର୍ଡର ବଳଦେବ ହାଇସ୍କୁଲରେ ହୋଇଥିବା ୧୧ନମ୍ବର ବୁଥରେ ନସଡିପୁର, ଭଗେଶ୍ୱରପୁର, କେଶପୁର(ଆଂଶିକ), ଗୌଡଗୋପ(ଆଂଶିକ), ଈଶ୍ୱରପୁର(ଆଂଶିକ) ଗ୍ରାମର ୮୫୦ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୧୨ନମ୍ବର ବୁଥରେ ୮୫୧ ଭୋଟର ମତଦାନ କରିବେ। ୭ନମ୍ବର ୱାର୍ଡର ମିରପାଟଣା ପ୍ରାଥମିକ ସ୍କୁଲରେ ହୋଇଥରବା ୧୩ନମ୍ବର ବୁଥରେ ମିରପାଟଣା ଓ ଗୌଡଗୋପ(ଆଂଶିକ) ଗ୍ରାମର ୭୩୦ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୧୪ନମ୍ବର ବୁଥରେ ୭୨୯ ଭୋଟର ମତଦାନ କରିବେ। ୮ନମ୍ବର ୱାର୍ଡର ମନକରପୁର ପ୍ରାଥମିକ ସ୍କୁଲରେ ହୋଇଥିବା ୧୫ନମ୍ବର ବୁଥରେ ମନକରପୁର(ଆଂଶିକ), ସୁନାଇଲୋ, ଏକଣାଖଣ୍ଡି, ସାନ୍ତସାହି(ଆଂଶିକ) ଗ୍ରାମର ୯୫୫ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୧୬ନମ୍ବର ବୁଥରେ ୯୫୫ ଭୋଟର ମତଦାନ କରିବେ। ୯ନମ୍ବର ୱାର୍ଡର ବୁଢିବିଳାଶୁଣି ଉଚ୍ଚ ପ୍ରାଥମିକ ସ୍କୁଲରେ ହୋଇଥିବା ୧୭ନମ୍ବର ବୁଥରେ ମନକରପୁର(ଆଂଶିକ), ସାନ୍ତସାହି(ଆଂଶିକ), ମାଧପୁର(ଆଂଶିକ) ଗ୍ରାମର ୧୧୫୫ ଭୋଟର ମତଦାନ କରିବେ। ୧୦ନମ୍ବର ୱାର୍ଡର ମଢିଆଳ ପ୍ରାଥମିକ ସ୍କୁଲରେ ହୋଇଥିବା ୧୮ନମ୍ବର ବୁଥରେ ମାଧପୁର(ଆଂଶିକ), ମଢିଆଳ(ଆଂଶିକ) ଗ୍ରାମର ୮୮୦ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୧୯ନମ୍ବର ବୁଥରେ ୮୮୭ ଭୋଟର ମତଦାନ କରିବେ। ୧୧ନମ୍ବର ୱାର୍ଡର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ୨୦ନମ୍ବର ବୁଥରେ ଖଡିଅଙ୍ଗ(ଆଂଶିକ), ମଢିଆଳ(ଆଂଶିକ)ଜୟିପୁରା(ଆଂଶିକ) ଗ୍ରାମର ୯୪୦ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୨୧ନମ୍ବର ବୁଥରେ ୯୪୦ ଭୋଟର ମତଦାନ କରିବେ। ୧୨ନମ୍ବର ୱାର୍ଡର କେନ୍ଦ୍ରାପଡା ସରକାରୀ ହାଇସ୍କୁଲରେ ହୋଇଥିବା ୨୨ନମ୍ବର ବୁଥରେ ଜୟିପୁରା(ଆଂଶିକ), ହଜାରିବଗିଚା ଗ୍ରାମର ୯୭୫ ଭୋଟର ଏବଂ ସେହି ସ୍କୁଲରେ ହୋଇଥିବା ୨୩ନମ୍ବର ବୁଥରେ ୯୭୫ ଭୋଟର ମତଦାନ କରିବେ। ୧୩ନମ୍ବର ୱାର୍ଡର ପୌରସଂସ୍ଥା ଯାତ୍ରୀନିବାସରେ ହୋଇଥିବା ୨୪ନମ୍ବର ବୁଥରେ ରଣପଡା, ଚଉଁରୀବରହମପୁର, ପୋଷ୍ଟଅଫିସଲେନ(ଆଂଶିକ) ଗ୍ରାମର ୧୦୫୦ ଭୋଟର ଓ ସେହି ଠାରେ ହୋଇଥିବା ୨୫ନମ୍ବର ବୁଥରେ ୧୦୫୫ ଭୋଟର ମତଦାନ କରିବେ। ୧୪ନମ୍ବର ୱାର୍ଡର ପୌରସଂସ୍ଥା ଉର୍ଦ୍ଦୁ ପାଠାଗାରରେ ହୋଇଥିବା ୨୬ନମ୍ବର ବୁଥରେ ପୋଷ୍ଟ ଅଫିସ ଲେନ(ଆଂଶିକ) ଏବଂ ବଡହାଟ(ଆଂଶିକ) ଗ୍ରାମର ୮୧୦ ଭୋଟର ଓ ସେହିଠାରେ ହୋଇଥରବା ୨୭ନମ୍ବର ବୁଥରେ ୮୦୯ ଭୋଟର ମତଦାନ କରିବେ। ୧୫ନମ୍ବର ୱାର୍ଡର ଦିଲାରପୁର ପ୍ରାଥମିକ ସ୍କୁଲରେ ହୋଇଥିବା ୨୮ନମ୍ବର ବୁଥରେ ଦିଲାରପୁର, ଇମାମବାଡା(ଆଂଶିକ), ମଧୁକରପୁର ଗ୍ରାମର ୮୮୬ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୨୯ନମ୍ବର ବୁଥରେ ୮୮୭ ଭୋଟର ମତଦାନ କରିବେ। ୧୬ନମ୍ବର ୱାର୍ଡର ଫକିରାବାଦ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ସ୍କୁଲରେ ହୋଇଥିବା ୩୦ନମ୍ବର ବୁଥରେ ଫକିରାବାଦ ଓ ବଡହାଟ(ଆଂଶିକ) ଗ୍ରାମର ୯୯୨ ଭୋଟର ଏବଂ ସେହି ସ୍କୁଲରେ ହୋଇଥିବା ୩୧ନମ୍ବର ବୁଥରେ ୯୯୩ ଭୋଟର ମତଦାନ କରିବେ। ୧୭ନମ୍ବର ୱାର୍ଡର ବଡହାଟ ପ୍ରାଥମିକ ସ୍କୁଲରେ ହୋଇଥିବା ୩୨ନମ୍ବର ବୁଥରେ ବଡହାଟ(ଆଂଶିକ), ବଟପୁର ଗ୍ରାମର ୮୫୪ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୩୩ନମ୍ବର ବୁଥରେ ୮୫୨ ଭୋଟର ମତଦାନ କରିବେ। ୧୮ନମ୍ବର ୱାର୍ଡର କାକଟ ଉଚ୍ଚ ପ୍ରାଥମିକ ସ୍କୁଲରେ ହୋଇଥିବା ୩୪ ନମ୍ବର ବୁଥରେ କାକଟ(ଆଂଶିକ), ଇଦଗାମହଲା ଗ୍ରାମର ୮୩୭ ଭୋଟର ଓ ସେହି ସ୍କୁଲରେ ହୋଇଥିବା ୩୫ନମ୍ବର ବୁଥରେ ୮୩୭ ଭୋଟର ମତଦାନ କରିବେ। ୧୯ନମ୍ବର ୱାର୍ଡର ଜେନାପାଟଣା ପ୍ରାଥମିକ ସ୍କୁଲରେ ହୋଇଥିବା ୩୭ନମ୍ବର ବୁଥରେ ବଣିଆମାଳ(ଆଂଶିକ), ଚାଟରାପାଟଣା, କାକଟ(ଆଂଶିକ) ଗ୍ରାମର ୮୮୦ ଭୋଟର ଓ ୨୦ନମ୍ବର ୱାର୍ଡର ମହିପାଳ ପ୍ରାଥମିକ ସ୍କୁଲରେ ହୋଇଥିବା ୩୮ନମ୍ବର ବୁଥରେ ମହିପାଳ, ବଣିଆମାଳ(ଆଂଶିକ)କଜଳା(ଆଂଶିକ) ଗ୍ରାମର ୮୦୦ ଭୋଟର, ସେହି ସ୍କୁଲରେ ହୋଇଥିବା ୩୯ନମ୍ବର ବୁଥରେ ୮୦୨ ଭୋଟର ମତଦାନ କରିବେ। ସେହିଭଳି ୨୧ନମ୍ବର ୱାର୍ଡର ଭାରତୀ ବିଦ୍ୟା ମନ୍ଦିରରେ ହୋଇଥିବା ୪୦ନମ୍ବର ବୁଥରେ କଜଳା(ଆଂଶିକ), ମହିପାଳ, ତିନିପଡା, ଭ୍ରମରଦିଆପାଟଣା(ଆଂଶିକ), ଗୁଆଳସିଂ(ଆଂଶିକ) ଗ୍ରାମର ୭୬୫ ଭୋଟର ଏବଂ ସେହି ବିଦ୍ୟାମନ୍ଦିରରେ ହୋଇଥିବା ୪୧ନମ୍ବର ବୁଥରେ କଜଳା(ଆଂଶିକ), ମହିପାଳ, ତିନିପଡା, ଭ୍ରମରଦିଆପାଟଣା(ଆଂଶିକ), ଗୁଆଳସିଂ(ଆଂଶିକ), ତିନିମୁହାଣି, ରାମମନ୍ଦିର ଲେନର ୭୬୬ଭୋଟର ମତଦାନ କରିବେ ବୋଲି ସୂଚନା ମିଳିଛି।

ମହାଲକ୍ଷ୍ମୀ ଓ ବିମଳା ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କଦଳା-ହରିଦାସପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପାର୍ଶ୍ୱରେ ଭଗବତୀ ପରମକୃପାମୟୀ ମା ମହାଲକ୍ଷ୍ମୀ ଓ ମା ବିମଳା ଦେବୀଙ୍କ ୨ଟି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୪ଦିନଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳାସାଧିବାସ, ବାସ୍ତୁ ପୂଜା, ଅଗ୍ନିସ୍ଥାପନ, ଶ୍ରୀ ବିଗ୍ରହ ମାନଙ୍କ ଧନ୍ୟାଧିବାସ, ଗର୍ଭାଧାନ କର୍ମ, ସୂର୍ଯ୍ୟପୂଜା, ଗୁରୁପୂଜା, ଯଜ୍ଞକର୍ମ ଆଦି ଯଥାବିଧି ମୁଖ୍ୟ ପଣ୍ଡିତ କମଳଲୋଚନ ଶତପଥିଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସୁରେନ୍ଦ୍ର ବ୍ୟାସ, ସୂର୍ଯ୍ୟକାନ୍ତ ମିଶ୍ର, ବିଜୟ କୁମାର ପଣ୍ଡା, ଅମରେଶ ରଥ, ଲକ୍ଷ୍ମୀନାରାୟଣ ବ୍ୟାସଙ୍କ ଦ୍ୱାରା ସମାହିତ ହୋଇଛି। ମନ୍ଦିର ପୂଜକ ବାମନ ଚରଣ ମିଶ୍ର ରୀତିନୀତି ଅନୁସାରେ ପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ଏହାର କର୍ତ୍ତାଭାବେ କେଶବ ଚନ୍ଦ୍ର ଜେନା, ଡାକ୍ତର ତମାଳ ବରଣ ଦାସ, କର୍ତ୍ତୀ ଶକୁନ୍ତଳା ଦାସ, ଅର୍ଜୁନ ଚରଣ ପରିଡା ଓ କର୍ତ୍ତୀଭାବେ ବୈଜୟନ୍ତୀ ପରିଡା କାର୍ଯ୍ୟନିର୍ବାହ କରିଥିଲେ। ପ୍ରତିଷ୍ଠା ଉତ୍ସବ ରାତ୍ରିରେ ବିଗ୍ରହମାନଙ୍କର ନବଯୌବନ ଦର୍ଶନ ଓ ମନ୍ଦିର ବିଜେ ପରେ ପୂର୍ଣ୍ଣାହୁତି ପ୍ରଦାନ ହୋଇ ଉଦ୍‌ଯାପିତ ହୋଇଥିଲା। ୪ଦିନଧରି ଉକ୍ତ କାର୍ଯ୍ୟକ୍ରମକୁ ଉପକର୍ତ୍ତା ଶୀତ ବେହୁରାଙ୍କ ସମେତ କଦଳା ଓ ହରିଦାସପୁର ଗ୍ରାମବାସୀ ମାନେ ପରିଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, କୈଳାସ ଚନ୍ଦ୍ର ରାଉତ, ଅଖିଳ କୁମାର ସ୍ୱାଇଁ, କଳ୍ପତରୁ ପଣ୍ଡା, ମାନସ ରାଉତ ପ୍ରମୁଖ ଯୋଗଦେଇ ମା'ଙ୍କ କୃପାଲାଭ କରିଥିଲେ। ଉକ୍ତ ୨ଟି ମନ୍ଦିର ନିର୍ମାଣ ନିଖୁଣ କାରୁକାର୍ଯ୍ୟ ବୈକୁଣ୍ଠ ମହାରଣା ଓ ତାଙ୍କ ସହଯୋଗୀ ଜିତେନ୍ଦ୍ର ଓଝାଙ୍କ ଦ୍ୱାରା କରାଯାଇଛି। କରୋନା କଟକଣା ପାଳନ ପୂର୍ବକ ଶ୍ରଦ୍ଧାଳୁ ଓ ଭକ୍ତମାନେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ।

ବୃଦ୍ଧଲିଙ୍ଗଠାରେ ଶନିଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ କୋତପୁର ପଂଚାୟତ ବୃଦ୍ଧଲିଙ୍ଗ ମହାଦେବ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ଶନିଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ବ୍ୟାପୀ ସୂର୍ଯ୍ୟପୂଜା, ଗୋ ପୂଜା, ଗୁରୁ ପୂଜା, ମଣ୍ଡପ ପୂଜା, ଚଣ୍ଡୀ ପାଠ, ଗୀତା ପାଠ, ଅଗ୍ନି ସ୍ଥାପନ, ଯଜ୍ଞ କାର୍ଯ୍ୟକ୍ରମ ସଂପନ୍ନ ହୋଇଛି। ଶନିଦେବଙ୍କ ମନ୍ଦିର ପ୍ରତିଷ୍ଠା ସହ ଶନିଦେବଙ୍କ ସିଂହାସନ ଆରୋହଣ କରାଯାଇଥିଲା। ବୃଦ୍ଧଲିଙ୍ଗ ପୂଜା କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ନାରାୟଣ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ପୁରୋଧା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭକ୍ତ ନିରଂଜନ ଦାଶ, ସଂଜୟ ସାମଲ, ନିର୍ମଳ ଚନ୍ଦ୍ର ରାୟ, ବ୍ରଜ କିଶୋର ଦାଶ ଓ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଅନଲାଇନ୍ ପରୀକ୍ଷା ନେଇ ଜିଲ୍ଲାପାଳଙ୍କୁ ଦାବି ପତ୍ର

ବାଲେଶ୍ୱର(ପିଏନ୍): ଫକୀର-ମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ତ ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ□ମ ସେମିଷ୍ଟାର ପରୀକ୍ଷା ଅଫଲାଇନରେ କରାଯିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସୂଚନା ଜାରି କରାଯାଇଥିଲା। ଏଥିରେ ଅସମ୍ମତି ପ୍ରଦାନ କରି ଅନଲାଇନ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କୁ ଭେଟି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଚ୍ଚଶିକ୍ଷା ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହାମାରୀ କରୋନା ଯୋଗୁଁ ଦୀର୍ଘ ୨ବର୍ଷ ଧରି କଲେଜ ବନ୍ଦ ରହିଥିବା ଯୋଗୁଁ ଅନଲାଇନରେ ୧୦-୧୫ ପ୍ରତିଶତ କୋର୍ସ ପଢ଼ାଯାଇଛି। ଏଭଳି ସ୍ଥିତିରେ ମାତ୍ର ଏକ ମାସ ପଢ଼ି ୬ ମାସ ପାଠର ପରୀକ୍ଷା କେମିତି ଦେବେ ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିଛନ୍ତି। ତେଣୁ ଅଧା ପାଠ୍ୟ ଖସଡ଼ା କୁ କାଟି ଅଫଲାଇନ ରେ ପରିକ୍ଷା ବନ୍ଦ କରାଯାଉ। ନ ହେଲେ ଚତୁର୍ଥ ଓ ପ□ମ ମଡ଼-ସେମିଷ୍ଟାର ପରୀକ୍ଷା ଫଳାଫଳକୁ ଦେଖି ମାର୍କ ପ୍ରଦାନ କରାଯାଉ। ଦାବିପତ୍ର ପ୍ରଦାନ ବେଳେ ଫକୀରମୋହନ ଶିକ୍ଷାର୍ଥୀ ପରିଷଦର ସାଂଗଠିକ ସଭାପତି ଜୋଗିନ୍ଦ୍ର ମାଇତିଙ୍କ ସହ ଦିବ୍ୟଜ୍ୟୋତି ପରିଚ୍ଛା, ଅଭିଶେଖ ପାତ୍ର, ବିକାଶ ପଡ଼ିହାରୀ, ବିଶାଲ କୁମାର ଦେ, କୃଷ୍ଣକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱାସ୍ଥ୍ୟ କ୍ଷେତ୍ରର ଦୟନୀୟ ଅବସ୍ଥା କାହିଁକି ?

ଭାରତୀୟ ଅର୍ଥ ବ୍ୟବସ୍ଥା ପୃଥିବୀରେ ସବୁଠୁ ଦ୍ରୁତ ଗତିରେ ବଢି ଚାଲିଛି। ଆମ ଦେଶ ବିଶ୍ୱର ଷଷ୍ଠ ସବୁଠୁ ବଡ଼ ଅର୍ଥ ବ୍ୟବସ୍ଥା। ଆସନ୍ତା ୨୦୨୪ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ୫ଲକ୍ଷ କୋଟି ଡ଼ଲାର ହୋଇଯିବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ବିଶ୍ୱରେ ଆମର ସ୍ଥାନ ଉପରକୁ ଉଠିବ ଏବଂ ଆମେ ବିଶ୍ୱର ଚତୁର୍ଥ କିମ୍ବା ପଂଚମ ସବୁଠୁ ବଡ଼ ଅର୍ଥବ୍ୟବସ୍ଥା ହୋଇଯିବା। ଏବେ ଦେଶ ଯେଭଳି ଆର୍ଥିକ ଉନ୍ନତି ପଥରେ ଅଗ୍ରସର ହେଉଛି, ସେଥିରୁ ଏହା ସ୍ପଷ୍ଟ ଜଣାପଡୁଛି। ହେଲେ ଏପର୍ଯ୍ୟନ୍ତ ଆମେ ନିଜ ଦେଶରେ ସ୍ୱାସ୍ଥ୍ୟସେବାର ବିକାଶ ଓ ଶିଶୁ- ମାତୃ ମୃତ୍ୟୁ ଘଟଣାକୁ ନିୟନ୍ତ୍ରଣ କରିପାରିନାହୁଁ। ଏବେ ମଧ୍ୟ ବିହାର, ଓଡ଼ିଶା ଭଳି ଅନେକ ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁ ହାର ସେମିତି କିଛି କମିନାହିଁ। ଏଣୁ ଆମେ ଅର୍ଥ ବ୍ୟବସ୍ଥାରେ ଆଗକୁ ବଢିଲେ, ବିଦେଶୀମାନେ ଆମ ଆର୍ଥିକ ବିକାଶକୁ ଦେଖି ନାକରେ କାଠି ପୁରାଇ ହସିବେ ନିଶ୍ଚୟ। କାରଣ ଆମର ଆର୍ଥିକ ସ୍ଥିତି ସୁଧୁରିବା ସହ ତାଳ ଦେଇ ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସୁଧୁରିବା ଆବଶ୍ୟକ। ବିଶେଷତଃ କୋମଳମତି ଶିଶୁମାନଙ୍କର ଅକାଳ ବିୟୋଗ ଆମ ମଜଭୁତ ଆର୍ଥିକ ସ୍ଥିତିକୁ ଦୁନିଆ ସାମ୍ନାରେ ହାସ୍ୟାସ୍ପଦ କରାଇବ। ଏଥିନେଇ ଆମ ଦେଶରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବାସ୍ତବରେ ଏହି ଘଟଣା ଆମ ଆର୍ଥିକ ବିକାଶରେ ସମ୍ମିଳିତ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ଉପରେ ବିରାଟ ପ୍ରଶ୍ନଚିହ୍ନ ଲଗାଉଛି।

ଏବେ ଭାରତର ଆର୍ଥିକ ସ୍ଥିତି ପ୍ରାୟ ୨.୬୧ ଟ୍ରିଲିୟନ୍ ଡ଼ଲାରରେ ପହଂଚିଛି। ମାତ୍ର ଆଶ୍ଚର୍ଯ୍ୟର କଥା ଯେ, ଭାରତ ନିଜ ମୋଟ ଜିଡିପିର କେବଳ ୧.୪ ଭାଗ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି। ହେଲେ ବିଶ୍ୱ ସ୍ତରରେ ହାରାହାରି ସ୍ୱାସ୍ଥ୍ୟସେବା ବାବଦରେ ୬ ଶତକଡ଼ାରୁ ଅଧିକ ଖର୍ଚ୍ଚ କରାଯାଉଛି। କିନ୍ତୁ ୨୦୧୭ରେ ନୂଆ ସ୍ୱାସ୍ଥ୍ୟ ନୀତି ଅନୁସାରେ ଭାରତ ୨୦୨୫ ମସିହା ମଧ୍ୟରେ ସ୍ୱାସ୍ଥ୍ୟସେବା ଉପରେ ଜିଡିପିର ୨.୫ ଶତକଡ଼ା ଖର୍ଚ୍ଚ କରିବାକୁ ଚେଷ୍ଟା କରୁଛି। ତେବେ ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୬ ଶତକଡ଼ା ଅର୍ଥ କେବେ ଖର୍ଚ୍ଚ କରିବ, ତାହା ଭଗବାନଙ୍କୁ ଜଣା। ଅନ୍ୟ ଦେଶମାନଙ୍କରେ ସରକାର ସ୍ୱାସ୍ଥ୍ୟସେବା ଉପରେ ବହୁ ଅଧିକ ଖର୍ଚ୍ଚ କରନ୍ତି। କିନ୍ତୁ ଆମ ଦେଶରେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କମ୍ ଖର୍ଚ୍ଚ ହୁଏ। ଅଧିକାଂଶ ଲୋକେ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରୁଛନ୍ତି ଓ ସେମାନେ ସରକାରୀ ସ୍ୱାସ୍ଥ୍ୟସେବା ଉପରେ ହିଁ ଶହେ ଭାଗ ନିର୍ଭର କରନ୍ତି। ଏଣୁ ଦୁର୍ବଳ ସ୍ୱାସ୍ଥ୍ୟ ଭିତିଭୂମି ଯୋଗୁ ଏଠାରେ ଅକାଳରେ ଲୋକେ ମରନ୍ତି।

ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଡ଼ାକ୍ତରଙ୍କ ଅଭାବରେ ଚାଲିଛି। ଆମ ଦେଶରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ମାତ୍ର ୦.୦୮ ଡାକ୍ତର ଅର୍ଥାତ୍ ୧୪୫୭ ଜନସଂଖ୍ୟାରେ ଜଣେ ଡ଼ାକ୍ତର କାର୍ଯ୍ୟ କରୁଛନ୍ତି। ଏଥିରୁ ବିଭିନ୍ନ ରାଜ୍ୟରେ କିଭଳି ଗମ୍ଭୀର ଅବସ୍ଥା ଥିବ, ଦେଖାଯାଇପାରେ। ଝାଡ଼ଖଣ୍ଡ ରାଜ୍ୟରେ ପ୍ରତି ୮,୧୮୦ ଜନସଂଖ୍ୟାରେ ଜଣେ ଡ଼ାକ୍ତର କାର୍ଯ୍ୟରତ ଥିବାବେଳେ ହରିୟାନାରେ ୬,୦୩୭ ଜନସଂଖ୍ୟାରେ ଜଣେ ଡ଼ାକ୍ତର, ଛତିଶଗଡ଼ରେ ୪,୩୩୮ରେ ଜଣେ ଡ଼ାକ୍ତର, ଉତରପ୍ରଦେଶରେ ୩୭୬୭ରେ ଜଣେ ଡ଼ାକ୍ତର, ଓଡ଼ିଶାରେ ୨୫୪୯ରେ ଜଣେ ଡ଼ାକ୍ତର ଓ ଶିଶୁ ମୃତ୍ୟୁର ରାଜ୍ୟ ବିହାରରେ ୩୨୦୭ରେ ଜଣେ ଡ଼ାକ୍ତର କାର୍ଯ୍ୟରତ ଅଛନ୍ତି। ଅବଶ୍ୟ ଆମ ଦେଶର ସବୁ ରାଜ୍ୟର ସ୍ଥିତି ଏତେ ଦୟନୀୟ ନୁହେଁ। କେତେକ ରାଜ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡଠାରୁ ମଧ୍ୟ ଢେର ଭଲ ଅବସ୍ଥାରେ ଅଛନ୍ତି। କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ୧ହଜାର ଜନସଂଖ୍ୟାରେ ଜଣେ ଡ଼ାକ୍ତର କାର୍ଯ୍ୟରତ ଥିବାବେଳେ ଆନ୍ଧ୍ରରେ ୧୧୩୦ ଜନସଂଖ୍ୟାରେ ଜଣେ ଡ଼ାକ୍ତର ଓ ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଫେବୃଆରୀ ୨୭

ରଷ ଯୁଦ୍ଧରୁ କ୍ଷାନ୍ତ ହେଉ !

ୟୁକ୍ରେନକୁ ନେଇ ଏବେ ବିଶ୍ୱର ଦୁଇ ବୃହତ ଶକ୍ତି ରଷ ଓ ଆମେରିକା ଯେପରି ମୁହାଁମୁହିଁ ହୋଇଛନ୍ତି, ଏବେ ଯେକୌଣସି ସମୟରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ଅବଶ୍ୟମ୍ଭାବୀ ହୋଇପଡିଛି । ୟୁକ୍ରେନର ଦୁଇଟି ଅଂଚଳ ଲୁହାନସ୍କ ଓ ଡୋନୋସ୍କକୁ ରଷ ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିବା ପରେ ତୃତୀୟ ବିଶ୍ୱଯୁଦ୍ଧ ଲାଗିଯିବା ଆଶଙ୍କା ସୃଷ୍ଟି ହୋଇଛି । ଗୋଟିଏ ପଟେ ରଷ ସେନା ଏବେ ୟୁକ୍ରେନ ଅଭିମୁଖେ ଅଗ୍ରସର ହେଉଥିବା ବେଳେ ଆମେରିକା ନେତୃତ୍ୱାଧୀନ ଉତର ଆଟଲାଂଟିକ୍ ଚୁକ୍ତି ସଂଗଠନ (ନାଟୋ) ସେନା ମଧ୍ୟ ୟୁକ୍ରେନ ସୀମାରେ ଉପସ୍ଥିତ ହୋଇସାରିଲାଣି । କହିବା ବାହୁଲ୍ୟ ଯେ, ୧୯୯୧ ପୂର୍ବରୁ ସଂଯୁକ୍ତ ସୋଭିଏତ୍ ରଷ ନେତୃତ୍ୱରେ "ୱାର୍ସା" ମେଂଟ ଓ ଆମେରିକା ନେତୃତ୍ୱରେ 'ନାଟୋ' ମେଂଟ ବିଶ୍ୱରେ ଦୁଇଟି ବୃହତ ମେଂଟ ଭାବେ ପରିଚିତ ଥିଲେ ଏବଂ ଦୁଇ ମେଂଟ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିଲା । ୧୯୯୧ରେ ସଂଯୁକ୍ତ ସୋଭିଏତ ରଷର ବିଲୟ ପରେ ଆମେରିକା ବିଶ୍ୱରେ ଏକମାତ୍ର ବୃହତ ଶକ୍ତି ଭାବେ ପରିଚୟ ବଜାୟ ରଖିଛି । ଅନ୍ୟପକ୍ଷରେ ସଂଯୁକ୍ତ ସୋଭିଏତ ରଷର ବିଲୟ ପାଇଁ ଆମେରିକା ନେତୃତ୍ୱାଧୀନ 'ନାଟୋ' ମେଂଟର ହାତ ଥିବା ଅଭିଯୋଗ ହୋଇଆସୁଛି । ୟୁକ୍ରେନର ଦୁଇ ଭୂଖଣ୍ଡ

'ଲୁହାନସ୍କ' ଏବଂ 'ଡୋନେସ୍କ'କୁ ରଷ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେବା ପରେ ଏବେ ପୁଣି ଦୁଇ ମହାଶକ୍ତି ମୁହଁମୁହିଁ ହୋଇଛନ୍ତି । ଆମେରିକା, ଜର୍ମାନ, ବ୍ରିଟେନ, କାନାଡା ସମେତ ନାଟୋ ମେଂଟଭୁକ୍ତ ବହୁ ରାଷ୍ଟ୍ର ରଷ ଉପରେ ଆର୍ଥିକ କଟକଣା ଜାରି କରିଛନ୍ତି । କଟକଣା ଯୋଗୁଁ ରଷର ଅର୍ଥନୀତି ଦୁର୍ବଳ ହୋଇପାରେ । ମାତ୍ର ନାଟୋ ମେଂଟଭୁକ୍ତ ୟୁରୋପୀୟ ରାଷ୍ଟ୍ରଗୁଡିକର କଟକଣା ସେଭଳି କୌଣସି ପ୍ରଭାବ ପକାଇ ନପାରେ । ଅନ୍ୟପଟେ ରଷ ଯଦି ପାଲଟା ପଦକ୍ଷେପ ନିଏ, ତେବେ ୟୁରୋପୀୟ ରାଷ୍ଟ୍ରଗୁଡିକର ଅର୍ଥନୀତି କ୍ଷତିଗ୍ରସ୍ତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ରଷ ହେଉଛି ସର୍ବାଧିକ ପ୍ରାକୃତିକ ଗ୍ୟାସ ଉତ୍ପାଦନକାରୀ ରାଷ୍ଟ୍ର ଏବଂ ପ୍ରାକୃତିକ ଗ୍ୟାସ ରପ୍ତାନୀକାରୀ ରାଷ୍ଟ୍ର ମଧ୍ୟ ୟୁକ୍ରେନ-ରଷ ବିବାଦ ଯୋଗୁଁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ମୂଲ୍ୟ ଏବେ ୧୦୦ ଡଲାରକୁ ବଢିଛି । ଏହାର ପ୍ରଭାବରେ ପେଟ୍ରୋଲିୟମଜାତ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବା ସହ ବିଭିନ୍ନ ଅତ୍ୟାବଶୀକୀୟ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇବ । ଉଲ୍ଲେଖଯୋଗ୍ୟ ଯେ, ସୋଭିଏତ ରଷର ବିଲୟ ପୂର୍ବରୁ ୟୁକ୍ରେନ ରଷର ଅଂଶବିଶେଷ ଥିଲା । ମାତ୍ର ୟୁକ୍ରେନ ୨୦୦୨ ମସିହାରୁ ନାଟୋ ମେଂଟରେ ଯୋଗଦେବାକୁ ପ୍ରୟାସ ଆରମ୍ଭ କରିବା ପରଠାରୁ ରଷ ଏହାକୁ

ବିରୋଧ କରିଆସୁଛି । ଗୋଟିଏ ପଟେ 'ୟୁକ୍ରେନ'କୁ ନେଇ 'ନାଟୋ'ର ଶକ୍ତି ବୃଦ୍ଧି ପାଇଁ ଆମେରିକା ଉଦ୍ୟମ କରୁଥିବା ବେଳେ ରଷର ବିରୋଧ ଯୋଗୁଁ ଦୁଇ ମହାଶକ୍ତି ମୁହଁମୁହିଁ ହେବା ସ୍ୱାଭାବିକ । ଏହି ସଂକଟକୁ ଏଡାଇବା ଜାତିସଂଘର ପ୍ରୟାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଜାତିସଂଘ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ପରାମର୍ଶ ଦେଇଛି । ସେହିପରି ଭାରତ ଓ ଚୀନ ମଧ୍ୟ ଉତେଜନା ହ୍ରାସ ସହ ଶାନ୍ତି ବଜାୟ ରଖିବା ଲାଗି ଆହ୍ୱାନ ଦେଇଛନ୍ତି । ଭାରତ ରଷ ରାଷ୍ଟ୍ରପତି ପୁଟିନଙ୍କ ପଦକ୍ଷେପକୁ ନିନ୍ଦା କରିନାହିଁ କିମ୍ବା ୟୁକ୍ରେନର ସାର୍ବଭୌମତ୍ୱ ନେଇ କୌଣସି ମନ୍ତବ୍ୟ ଦେଇନାହିଁ । ପୂର୍ବତନ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ନାମ)ର ସଦସ୍ୟ ରାଷ୍ଟ୍ର ମଧ୍ୟ ଉତେଜନା ହ୍ରାସ ପାଇଁ ଦୁଇ ମହାଶକ୍ତିକୁ ଆହ୍ୱାନ ଜଣାଇଛନ୍ତି । ଏହା ସତ୍ୟ ଯେ, ମହାମାରୀ କରୋନା କାଳରେ ସମଗ୍ର ବିଶ୍ୱ ଗତ ତିନିବର୍ଷ ଧରି ହନ୍ତସନ୍ତ ହେଉଥିବାବେଳେ ଏଭଳି ସମୟରେ କୌଣସି ରାଷ୍ଟ୍ର ଯୁଦ୍ଧ ଚାହିଁବେ ନାହିଁ । କିନ୍ତୁ ଚୀନ, ଆମେରିକା, ରଷର ଲୁକ୍କାୟିତ ଉଚ୍ଚାଭିଳାଷ ଯୋଗୁଁ ସାରା ବିଶ୍ୱରେ କରୋନା ପରେ ଏବେ ଆଉ ଏକ ସଂକଟର ସମ୍ମୁଖୀନ ହେବାକୁ ଯାଉଛି । ଏହି ଅବଶ୍ୟମ୍ଭାବୀ ଯୁଦ୍ଧକୁ ଏଡାଇବା ଲାଗି ଆମେରିକା ରଷ ସମେତ ବିଶ୍ୱନେତାମାନେ ଉଦ୍ୟମ କରିବା ଜରୁରୀ । ଯାହାକି ବିଶ୍ୱବାସୀଙ୍କ ପାଇଁ ମଙ୍ଗଳକର ହେବ । ରଷ ଯୁଦ୍ଧରୁ କ୍ଷାନ୍ତ ହେଉ !

ସୌଭାଗ୍ୟରଂଜନ ମହାନ୍ତି(ରାଜା), ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

ଆଜିର ଅନୁଚିନ୍ତା

ବୟସରେ କେବଳ ବଡ଼ ହୋଇଥିଲେ ସୁଦ୍ଧା କେହି ଗୁଣବାନ ହୋଇପାରେ ନାହିଁ ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଶିକ୍ଷା, ଶିକ୍ଷକ ଓ ଶିକ୍ଷକତା

ଗୁରୁକୁଳ ଆଶ୍ରମରେ ଶିକ୍ଷାର୍ଥୀଙ୍କ ବିଦ୍ୟା ଶିକ୍ଷା ଅବଧି ମଧ୍ୟରେ ସେମାନଙ୍କ ବ୍ୟକ୍ତିଗତ ମାନବିକ ମୂଲ୍ୟବୋଧ, ଚରିତ୍ରବତ୍ତା, ଶିକ୍ଷଣୀୟତା ତଥା ଶିକ୍ଷା ପ୍ରଦାନକାରୀ ସାମର୍ଥ୍ୟ ଉପରେ ଗୁରୁତ୍ୱାରୋପ କରାଯାଇ ବିଦ୍ୟାଶିକ୍ଷା ସମ୍ପୂର୍ଣ୍ଣ ହେବାପରେ ଯିଏ ଯେଉଁ କାର୍ଯ୍ୟ ପାଇଁ ଉପଯୁକ୍ତ ମନେକରାଯାଉଥିଲା ତାକୁ ସେହି କାର୍ଯ୍ୟରେ ନିବେଶ କରାଯାଇ, ଶିକ୍ଷକତା କରିବା ଯୋଗ୍ୟ ବିବେଚିତ ଶିକ୍ଷାର୍ଥୀଙ୍କୁ ଆଶ୍ରମର ଶିକ୍ଷକ ଭାବେ ନିୟୋଜିତ କରୁଥିଲେ ଗୁରୁ । ଆଜି କିନ୍ତୁ ଆଉ ଗୁରୁକୁଳ ନାହିଁ କି ସେହି ଶିକ୍ଷା ବ୍ୟବସ୍ଥା ନାହିଁ ଆମ ଦେଶରେ । ପାଶ୍ଚାତ୍ୟର ଆଡ଼ମ୍ବରପୂର୍ଣ୍ଣ ଛନ୍ଦଭରା ଶିକ୍ଷା ବ୍ୟବସ୍ଥାରେ ସମଭୂଷିତ ଭାରତୀୟଙ୍କ ସ୍ଥିତି ଏକ ନିଆରା ଢଙ୍ଗରେ ଦେଖିବାକୁ ମିଳୁଛି ।

ଶିକ୍ଷାର ଅର୍ଥ ବିଭିନ୍ନ ସାମାଜିକ, ମାନବିକ ଚେତନା ଜ୍ଞାନଠାରୁ ଆରମ୍ଭ କରି ଯାନ୍ତ୍ରିକ ମନସ୍ତାତ୍ତ୍ୱିକ କୌଶଳ ଭଳି ଅନେକ ବିଷୟକୁ ନେଇ ଗଠିତ ଗବେଷକଙ୍କ ଲିପିବଦ୍ଧ ଜ୍ଞାନ ଯାହା ସମାଜର ସାଧାରଣ ମଣିଷଙ୍କୁ ବିତରଣ କରି ସାମାଜିକ କର୍ମରେ ନିୟୋଜିତ କରାଯିବା ଲକ୍ଷ୍ୟ ରଖାଯାଇଥାଏ । ଶିକ୍ଷା ମଣିଷକୁ କୌଣସି ଗୋଟିଏ ବିଷୟରେ ପାରଙ୍ଗମ କରି ସାମାଜିକ କର୍ମ କ୍ଷେତ୍ରରେ ନିୟୋଜିତ କରିବାରେ ସାହାଯ୍ୟ କରିଥାଏ । ଶିକ୍ଷାରୁ ଜ୍ଞାନ ଆହରଣ କରିବା ଏକ କଳା ଯାହା ସମସ୍ତଙ୍କ ଦ୍ୱାରା ସମ୍ଭବ ହୋଇନଥାଏ । ତଥାପି ସୀମିତ ଶୈକ୍ଷିକ ବିଷୟକୁ ନେଇ ଜଣେ ଶିକ୍ଷାର୍ଥୀ ପରବ ର୍ତୀ ସମୟରେ କିଛି ସାମାଜିକ କର୍ମରେ ସାହାଯ୍ୟ ଯୋଗ୍ୟ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସହି ଶିକ୍ଷାର୍ଥୀଙ୍କ ଉପରେ ଭରସା କରି ହୁଏନି । କିନ୍ତୁ ଯିଏ ଶିକ୍ଷା ମାଧ୍ୟମରେ ନିଜସ୍ୱ ଜ୍ଞାନ ଅର୍ଜନ କରିବାରେ ସମର୍ଥ ହୋଇଥା'ନ୍ତି, ସେମାନେ ସାମାଜିକ କ୍ଷେତ୍ରରେ ବିଭିନ୍ନ କର୍ମ କରି ସାମାଜିକ ଅଗ୍ରଗତିରେ ସହାୟକ ହୋଇପାରନ୍ତି । ଶିକ୍ଷା ଅର୍ଜନ ପରବର୍ତୀ ସେହି ଶିକ୍ଷା ମଧ୍ୟରେ ସୀମିତ ରହିଥିବା ଶିକ୍ଷାର୍ଥୀଙ୍କୁ କେବଳ ଶିକ୍ଷିତ ବୋଲି କୁହାଯାଇପାରିବ । କିନ୍ତୁ ସେମାନଙ୍କଠାରୁ ଅଧିକ କିଛି ଆଶା ରଖିବା ନିରର୍ଥକ । ଶିକ୍ଷା ନଥାଇ ନିଜସ୍ୱ ଜ୍ଞାନରେ ସାମାଜିକ ତତ୍ପରତା ଦେଖାଇ ବିଭିନ୍ନ କ୍ଷେତ୍ରରେ ସହଯୋଗ କରୁଥିବା ମଣିଷଙ୍କୁ ମଧ୍ୟ ଶିକ୍ଷାୟତ କରିଥିବା ଜଣେ ମଣିଷଙ୍କଠାରୁ ଅଧିକ ସମ୍ମାନ ପ୍ରଦର୍ଶନ କରାଯିବା ବିଧେୟ, ଯାହା ଆମ ପୂର୍ବଜଙ୍କ ସ୍ଥିତି ଥିଲା । ସେତେବେଳ କୌଣସି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ ଉତ୍ସ ନଥାଇ ମଧ୍ୟ ଯେଉଁ ପ୍ରଜ୍ଞାପୁରୁଷମାନେ ଯାହାସବୁ ଲେଖିଦେଇଯାଇଛନ୍ତି, ସେଗୁଡିକୁ ଆଜିର ଉଚ୍ଚଶିକ୍ଷିତ ମଧ୍ୟ ହୃଦ୍‌ବୋଧ କରି ପାରୁନଥିବା ଦେଖିବାକୁ ମିଳୁଛି । କାରଣ ଶିକ୍ଷା ମଣିଷକୁ ଜ୍ଞାନ ଦେବାର କୌଣସି ନିଶ୍ଚିତ ପ୍ରାବଧାନ ରଖିନଥାଏ । ଜ୍ଞାନ କେବଳ ପ୍ରକୃତି ଦତ୍ତ ଯାହା ଜନ୍ମ ଲକ୍ଷଣ ଭାବେ ଦେଖିବାକୁ ମିଳେ କେତେକଙ୍କ କ୍ଷେତ୍ରରେ । ତଥାପି ଜନ୍ମ କଳା ସଂଯୁକ୍ତ ଜ୍ଞାନଶୂନ୍ୟ ମଣିଷଙ୍କୁ ମଧ୍ୟ ସାମାଜିକ ସ୍ତରରେ କେତେକାଂଶରେ ସମାନ୍ତରାଳ କରି ବଂଚିବା ପାଇଁ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମାଜରେ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ହୋଇଆସୁଅଛି । ଆଜି କିନ୍ତୁ ଶିକ୍ଷା ବ୍ୟବସ୍ଥାର ରୂପରେଖ କେବଳ ବ୍ୟବସାୟିକ ଭିତ୍ତିରେ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ, ଯାହାର ସଂଜ୍ଞା ଅତ୍ୟନ୍ତ ନିକୃଷ୍ଟ ହୋଇପଡିଛି ସମାଜରେ । ଶିକ୍ଷାଦାନ ପ୍ରଣାଳୀଠାରୁ ଆରମ୍ଭ କରି ଶିକ୍ଷାପ୍ରାପ୍ତି ପରବର୍ତ୍ତୀ କର୍ମକ୍ଷେତ୍ରଗୁଡିକୁ ମଧ୍ୟ କେବଳ ବ୍ୟବସାୟିକ ପଦ୍ଧତିରେ ପରିଚାଳିତ ଆମ ସମାଜର ରୂପରେଖ ବିଷୟରେ ବୁଝିବା ମଣିଷଙ୍କ ସଂଖ୍ୟା ଶୂନ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଜଣେ ଶିକ୍ଷିତଙ୍କୁ ସାଧାରଣ ଲୋକେ ସର୍ବଜ୍ଞାନୀ ବୋଲି ଭାବନ୍ତି, ଯାହା କୌଣସି ଦିଗରୁ ଯୁକ୍ତିସଂଗତ ନୁହେଁ । କାରଣ ଗୋଟିଏ ବିଷୟରେ ଶିକ୍ଷା ଅର୍ଜନ କରି ସେହି ବିଷୟକୁ ନେଇ ରୋଜଗାରକ୍ଷମ ହେବା ଲକ୍ଷ୍ୟ ରଖିଥା'ନ୍ତି ଶିକ୍ଷାର୍ଥୀ, ଯାହା ସେମାନଙ୍କୁ ସମାଜର ଅନ୍ୟାନ୍ୟ ବିଷୟଗୁଡିକ ଉପରେ ବିଶେଷଜ୍ଞ କରିବାର କୌଣସି ନିଶ୍ଚିତତା ନଥାଏ । ତଥାପି ଉଚ୍ଚଶିକ୍ଷିତଙ୍କ ସାମାଜିକ ମାନ୍ୟତା ଏକ ଭିନ୍ନ ରକମର ଦେଖିବାକୁ ମିଳେ ଆମ ସମାଜରେ ଯାହା ଅଯୌକ୍ତିକ । ପ୍ରାକୃତିକ ଜ୍ଞାନୀର ପରିଚୟବିହୀନ ଆଜିର ଏହି ସମାଜର ଅଧୋଗତିର କାରଣ କେବଳ ବ୍ୟବସାୟିକ ଶିକ୍ଷା ପଦ୍ଧତିର ପ୍ରହେଳିକା ମାତ୍ର । ସାଧାରଣ ଲୋକେ କିନ୍ତୁ ତାହା ପ୍ରତି ଆଦୌ ସଚେତନ ନୁହନ୍ତି । କାରଣ ଏକ ଛଳନାତ୍ମକ ପରିବେଶରେ ବଂଚିବା ଶିଖିଛେ ଆମେ ଏଇ କେତେ ବର୍ଷ ହେଲା ।

ଶିକ୍ଷକ ଅର୍ଥାତ, ଶିକ୍ଷାକୁ ବ୍ୟାଖ୍ୟା, ସରଳୀକୃତ କରି ନୂତନ ପିଢିଙ୍କୁ ବିତରଣ କରୁଥିବା ମଣିଷ । ଶିକ୍ଷକ ସମାଜର ସବୁଠାରୁ ସମ୍ମାନାସ୍ପଦ ପଦବାଚ୍ୟ ହୋଇ ରହିଥିଲା ସମାଜରେ ଯେପର୍ଯ୍ୟନ୍ତ ଶିକ୍ଷାଦାନ ପଦ୍ଧତି ଏକ ଶାଶ୍ୱତ ପରିବେଷ୍ଟନୀରେ ପରିଚାଳିତ ରହିଥିଲା । ଆଜି କିନ୍ତୁ ଶିକ୍ଷକର ସାମାଜିକ ପରିଚୟ ଶୂନ୍ୟ । କାରଣ ଦେଶର ଲକ୍ଷ ଲକ୍ଷ ଶିକ୍ଷକଙ୍କ ମଧ୍ୟରେ କେତେକ ହାତଗଣତି ମଣିଷଙ୍କୁ ଛାଡ଼ି ଦେଲେ ପ୍ରାୟତଃ ସମସ୍ତେ ଶିକ୍ଷାଦାନର ପ୍ରକୃତ ରୂପରେଖ ମଧ୍ୟ ବୁଝିବାରେ ଅସମର୍ଥ ହେବେ ଯାହାଙ୍କୁ ଆମ ସମାଜ ଆଜି ଶିକ୍ଷକ ଭାବେ ସ୍ୱୀକାର କରିଛି । ଏହିକଥା ସମସ୍ତଙ୍କୁ ଗୋଚର । ତଥାପି ଆମ ଶିକ୍ଷା ବ୍ୟବସ୍ଥା ଚାଲିଛି କେବଳ ବ୍ୟବସ୍ଥାକୁ ବଞ୍ଚାଇ ରଖିବା ପାଇଁ । ସମସ୍ତ ଶିକ୍ଷକଙ୍କୁ ଯଦି ଉପଯୁକ୍ତ ପରୀକ୍ଷା କରାଯିବ, ତାହାହେଲେ ୧ରୁ କମ୍ ଶିକ୍ଷକ ଉପଯୁକ୍ତତା ସାବ୍ୟସ୍ତ କରିବାରେ ସମର୍ଥ ହୋଇପାରିବେ ବୋଲି ଆମର ଅନୁମାନ । ବାକି ୯୯ ଶିକ୍ଷକ କେବଳ ଶିକ୍ଷାୟତନକୁ ଶୋଭା ବର୍ଦ୍ଧିତ କରୁଥିବା ବେଳେ ଶିକ୍ଷାର୍ଥୀଙ୍କ ଶିକ୍ଷା ପଦ୍ଧତିରେ ସେମାନଙ୍କ ଭୂମିକା କ'ଣ ଶାସନ ବ୍ୟବସ୍ଥା ସହିତ ସାଧାରଣ ଲୋକେ ମଧ୍ୟ ଜାଣନ୍ତି । ଶିକ୍ଷକ ପଦବୀ ପାଇଁ ସମାଜର ସବୁଠାରୁ ନିମ୍ନମାନର ଶିକ୍ଷିତଙ୍କ ଭିଡ଼ ଲାଗୁଥିବା ଏବଂ ସେମାନଙ୍କ ମଧ୍ୟରୁ କିଂଚିତ ଉନ୍ନତ ବ୍ୟକ୍ତିଙ୍କୁ ଶିକ୍ଷକ ଭାବେ ଗ୍ରହଣ କରାଯାଉଥିବା ବିଷୟ କ'ଣ କାହାକୁ

ବୁଝୁନାହିଁ ? ଉତ୍ତମ ଶୈକ୍ଷିକ ଜ୍ଞାନ ସଂଯୋଜିତ ଶିକ୍ଷାର୍ଥୀମାନେ ସମାଜର ବିଭିନ୍ନ ଉଚ୍ଚ ସ୍ଥାନ ଗ୍ରହଣ କରିବା ପାଇଁ ପ୍ରତିଯୋଗିତା କରୁଥିବା ବେଳେ ସରାସରି ଯାହା ଅବଶିଷ୍ଟାଂଶ ରହିଥା'ନ୍ତି ସେମାନେ ଶିକ୍ଷକତା କରିବା ପାଇଁ ବାଧ୍ୟ ହୋଇ ଶିକ୍ଷକ ରୂପେ ନିୟୋଜିତ ହେଉଥିବା ବିଷୟ କ'ଣ କେହି ଜାଣନ୍ତି ନାହିଁ ? ନା ତାହାହିଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା ବୋଲି ଲୋକେ ଭାବୁଛନ୍ତି ?!! ନା ତା' ନୁହେଁ ! ଲୋକଙ୍କୁ ଅସ୍ଥିର ମାନସିକତାପ୍ରବଣ କରି ରଖି କେବଳ ଅର୍ଥ ଉପାର୍ଜନ ପାଇଁ ନିୟୋଜିତ କରି ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କଲେ କେବଳ ଶ୍ରମିକ ଶ୍ରେଣୀର ମଣିଷଗୁଡିଏ ଆସନ୍ତା ସମୟରେ ଜନ୍ମ ହୋଇ ବ୍ୟବସାୟୀଙ୍କୁ ଶ୍ରମଦାନ କରିବାରେ ସମର୍ଥ ହୋଇପାରିବେ ବୋଲି ବିଚାରି ଏହି ବ୍ୟବସ୍ଥା ଅନୁସରଣ କରାଯାଉଅଛି, ବିଚାର କରନ୍ତୁ ସାଧାରଣ ଲୋକେ । ଶିକ୍ଷକ ଆଉ ନାହାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଶିକ୍ଷାକୁ ଏତିକି ନିମ୍ନଗାମୀ କରିଦିଆଗଲାଣି ଯେ ଶିକ୍ଷାଦାନ ପଦ୍ଧତିର ବିଷୟ ବୋଲି କିଛି ନାହିଁ । ସରକାରୀ ବିଦ୍ୟାଳୟ, ଘରୋଇ ବିଦ୍ୟାଳୟ ଇତ୍ୟାଦିର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ସାଧାରଣ ଲୋକେ ଯେଉଁ ଦୌଡ ଲଗାଇଛନ୍ତି, ସେସବୁ କେବଳ ମାୟା । ଶିକ୍ଷକ କହିଲେ ସେହି ଏକ ଯାହା ସରକାରୀ ବିଦ୍ୟାଳୟରେ ଦେଖିବାକୁ ମିଳନ୍ତି ଏବଂ ଘରୋଇ ବିଦ୍ୟାଳୟରେ ରହିଛନ୍ତି । କାରଣ ଶିକ୍ଷକ ହିଁ ସର୍ବନିମ୍ନ ସ୍ତରର ଶିକ୍ଷାର୍ଥୀଙ୍କଠାରୁ ଉଦ୍ଧୃତ ଯାହା ଘରୋଇ ବିଦ୍ୟାଳୟ ପାଇଁ କେଉଁ ଚନ୍ଦ୍ରମଣ୍ଡଳରୁ ନଆସି ବରଂ ଏହି ଆମ ସମାଜର ସେହି ସ୍ତରରୁ ଆସିଥିବା ଜଣେ ମଣିଷ ନିଶ୍ଚୟ । କେବଳ ଆମର ଦେୟ କ୍ଷମତାକୁ ନେଇ ଆତ୍ମସନ୍ତୋଷ କରିବା ପାଇଁ ହୁଏତ ଘରୋଇ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କୁ ଅନୁପ୍ରବେଶ କରାଯାଇ ପାରେ, କିନ୍ତୁ ସରକାରୀ ବିଦ୍ୟାଳୟଠାରୁ ତାହା ଉତ୍ତମ ହୋଇଥାଏ କେମିତି ବିଶ୍ଳେଷଣ କରି ଦେଖନ୍ତି ନାହିଁ ଅଭିଭାବକ । କେବଳ ପ୍ରହେଳିକାରେ ନିମଗ୍ନ ନିଜର ସନ୍ତାନକୁ ଘରୋଇ ବିଦ୍ୟାଳୟରେ ଅନୁପ୍ରବେଶ କଲେ ତାହାର ଭବିଷ୍ୟତଟି ଉଜ୍ଜ୍ୱଳ ହେବା ଲକ୍ଷ୍ୟ ସମସ୍ତଙ୍କ ଯାହା ଏକ ଭାବନା ମାତ୍ର । କାରଣ ଶିକ୍ଷକ ସେହିମାନଙ୍କ ମଧ୍ୟରେ ଜଣେ, କିଏ ଘରୋଇ ବିଦ୍ୟାଳୟରେ ତ' ଆଉ କିଏ ସରକାରୀ ବିଦ୍ୟାଳୟରେ ନିୟୋଜିତ ଆମ ଦେଶର ବ୍ୟବସ୍ଥା ସାଧାରଣ ଲୋକଙ୍କୁ ଗୋଚର ନାହିଁ !

ଶିକ୍ଷକତା କରୁଥିବା ମଣିଷଙ୍କୁ ସାମାଜିକ ସମ୍ମାନ ନମିଳିବାର ମୁଖ୍ୟ କାରଣ ହେଲା ଯେ ସେମାନେ ପ୍ରକୃତରେ ଶିକ୍ଷକ ପଦବାଚ୍ୟ ହୋଇ ନାହାନ୍ତି ଆଜି ସମୟରେ ! ପୂର୍ବଭଳି ଜ୍ଞାନୀ ମଣିଷଙ୍କ ଶିକ୍ଷକତା ଆଉ ଦେଖିବାକୁ ମିଳୁନାହିଁ ଆମ ଦେଶରେ ! ଶିକ୍ଷକତା କରୁଥିବା ସମସ୍ତ ମଣିଷ ନିଜକୁ ନିଜେ ପଚାରି ବୁଝାନ୍ତୁ ଯେ ସେମାନେ କେତେଦୂର ଉପଯୁକ୍ତ ଶିକ୍ଷକତା କରିବା ପାଇଁ ?!! କେବଳ ଶିକ୍ଷକତା କରି କିଛି ମୋଟା ଅଙ୍କରେ ରୋଜଗାର କରିବା ଉଦ୍ଦେଶ୍ୟ ରଖିବା ଛଡା କେତେଦୂର ମନ ଲଗାଇ ଶିକ୍ଷକତା କରୁଛନ୍ତି ଆମ ଦେଶ ଶିକ୍ଷକ ନିଜକୁ ନିଜେ ପଚାରି ବୁଝନ୍ତୁ ! ପୂର୍ବରୁ ଶିକ୍ଷକତା କରୁଥିବା କୌଣସି ଶିକ୍ଷକଙ୍କ ଆଦର୍ଶ ବିଷୟ ବୁଝିବାକୁ ଗଲେ ଆଜିର ଶିକ୍ଷକ ସେମାନଙ୍କ ପାଦଧୂଳି ସହିତ ସମାନ ହେବେ ନାହିଁ, ଯାହା ସେମାନେ ମଧ୍ୟ ଜାଣନ୍ତି, ସାଧାରଣ ଲୋକେ ମଧ୍ୟ ବୁଝୁଛନ୍ତି । କିନ୍ତୁ ପରିସ୍ଥିତି, ପରିବେଶକୁ ଅନୁଧ୍ୟାନ କରି କିଛି କରିବା ସାମର୍ଥ୍ୟବିହୀନ ସାଧାରଣ ଲୋକଙ୍କ ସମାଜ ଯେ କେଉଁ ଦିଗଗାମୀ ସମୟ କହିବ । ଆଜିର ପରିସ୍ଥିତିରେ ଶିକ୍ଷକତା ଏକ ଅତ୍ୟନ୍ତ ଶସ୍ତା ବ୍ୟବସାୟ ଭାବେ ଗ୍ରହଣୀୟ ହୋଇ ପଡିଛି ସମସ୍ତଙ୍କ ପାଖରେ । ସମାଜରେ କୌଣସି ସ୍ଥାନ ପାଇନଥିବା ମଣିଷଟି ଶିକ୍

ଦୃଶ୍ୟାନ୍ତର



ସୁଷମା ପରିଜା

ବାଉନ୍ ବଜାର ତେପନ ଗଳିର ସହର କଟକର ସହରତଳି ଅଞ୍ଚଳ, କହିବାକୁ ଗଲେ ଗାଆଁ ଭଳି ଜାଗାରେ ଆମର ଘରଟି । କଟକ ମୁନିସିପାଲିଟିର ଅନ୍ତର୍ଭୁକ୍ତ ହେଲେ ମଧ୍ୟ ଆମ ଘରଟି ସହର ର ମେନ୍ ରୋଡ ଠାରୁ ଟିକିଏ ଦୂରରେ । ରାତି ପ୍ରାୟ ସାଢେ ଦଶଟା ବେଳକୁ ଶୋଇବାକୁ ଯିବା ବେଳେ ଘର ର ମେନ୍ ଗେଟ୍ ପାଖରେ କିଛି କୋଳାହଳ ଶୁଣି ଘର ଭିତରୁ ବାହାରକୁ ବାହାରି ଆସିଲି ମୁଁ । ଗେଟ୍ ପାଖରେ ପହଞ୍ଚି ଦେଖିଲି କିଛିଦିନ ପୂର୍ବରୁ ଆମ ଘର ର ଅନତି ଦୂରରେ ଗଦା ହୋଇଥିବା ଚିପ୍ସ ସବୁ ବୁହା ଚାଲିଛି । ଗଳିମୁଣ୍ଡ ରେ ଥିବା ନାଳ ଉପରେ ସ୍ଲାବ୍ ପଡି ଢଳେଇ ହେଉଛି । ସାହି ଲୋକଙ୍କ ସହିତ କଣ୍ଟ୍ରାକ୍ଟର ଠିଆ ହୋଇଛନ୍ତି ସେଠାରେ । ମୂଲିଆ ମାନେ ଲାଗିଛନ୍ତି କାମରେ । ଆମ ଘର ସାମନାରେ ଦୁଇଟି ବଡ ମଣିଷ ଙ୍କ ସାଥିରେ ଆଠ ନଅ ବର୍ଷ ର ବାଳକଟିଏ ବେଲଚା ଧରି ଚିପ୍ସ ସବୁ ଉଠାଇ ଭର୍ତ୍ତି କରୁଛି କଡେଇ ରେ ।ମାଘ ମାସ ର ଏ ବାଘ ଭଳିଆ ଶୀତ ରାତିରେ ସେ ପିଲାଟି କେବଳ ଶାର୍ଟ୍ ପ୍ୟାଣ୍ଟ ହଳେ ପିନ୍ଧି ଗୋଡି ଉଠାଉଥିବାର ଦେଖି ମୋ' ଦେହ ସହିଲାନି । ମୁଁ ବଡପାଟିରେ ଚିତ୍କାର କରି ଉଠିଲି .." ଏ ଏ ବାବୁ ! ତତେ କିଏ ଏ କାମ କରିବାକୁ କହିଛି ରେ ?" ପିଲାଟି ଥମକି ଠିଆ ହେଲା ଦଣ୍ଡେ, ଷ୍ଟ୍ରିଟ୍ ଲାଇଟ୍ ର ଧୀମା ଆଲୁଅ ପଡୁଥିଲା ଗଳି ସାରା ।ମୁଁ ଦେଖିଲି, ପିଲାଟି କିଛି କହିବ କହିବ ବୋଲି ହେଉଥିଲା ବୋଧହୁଏ । ସେତିକିବେଳେ ଚିପ୍ସ୍ କଡେଇ ମୁଣ୍ଡରେ ବୋହି ନେଇ ଯାଇଥିବା ଲୋକମାନେ ଫେରିଲେ । ଦୁଇଟି ପୁରୁଷ ଙ୍କ ସହ ଗୋଟିଏ ସ୍ତ୍ରୀ ଲୋକ ମଜୁରୀଆ । ତାଙ୍କୁ ଅଧାବାଟରୁ ଦେଖି ବାଳକଟି ପୁଣି ଗୋଡି ଭିତରେ ବେଲଚା ପୁରାଇଲା , ମୁଁ ପୁଣି ଥରେ ପାଟି କରି କହିଲି....

" ହେ, ହେ .. ତମ ମାନଙ୍କୁ ଖରାପ ଲାଗୁନି, ଏତେ ଛୋଟ ପିଲାଟିକୁ କାମରେ ଲଗାଇଛ ? କେମିତିକା ମଣିଷ ତମେ ସବୁ ? ? ତା' ମା' ବାପା ଅଛନ୍ତି ଟି ? ? ?

ମୋ' ପାଟି ଶୁଣି ସେପଟରୁ ଆସୁଥିବା ସ୍ତ୍ରୀଲୋକଟି ଏଥର ଅନେଇଲା ମୋତେ । ଟିକିଏ ଆଗେଇ ଆସିଲା ଆମ ଗେଟ୍ ପାଖକୁ । ମୁଣ୍ଡରେ ସେମିତି ଖାଲି କଡେଇଟି ଧରି, କଳରେ ଜାକିଥିବା ପାନ ଛାପକୁ ଥୁଃ .. କରି ରାସ୍ତା ମଝିକୁ ଫୋପାଡି ଦେଇ କହିଲା --"କ'ଣ ହେଲା କି ମାଆ ? ସେ ମୋ' ପୁଅ । ମୋ' ସାଥିରେ ଆଇଚି କାମକୁ । ଦି'ଜଣ ମିଶିଲେ ଶିଘ୍ର ସରିଯିବ କାମ , ଶିଘ୍ର ଫେରିଯିବୁ ଘରକୁ ।

-- " ତୁମେ କେମିତିକା ମାଆ କିହୋ ! ଏତିକି ବକଟେ ଛୁଆ କୁ କାମ କରଉଛ ଏ କାଠୁଆ ଶୀତରେ ? " ବିରକ୍ତି ଭରା କଣ୍ଠରେ କହି ଉଠିଲି ମୁଁ ।

ସେ କିଛି ଉତ୍ତର ଦେବା ଆଗରୁ ତା' ଅଣ୍ଟାରେ ଖୋସା ହୋଇଥିବା ମୋବାଇଲ୍ ଫୋନ୍ ଟି ବାଜି ଉଠିଲା । ଚଟପଟ କରି ଅଣ୍ଟାରୁ ଫୋନ୍ ଟି କାଢି ସେପଟରୁ ଆସୁଥିବା କଥା କିଛି ଶୁଣିଲା ସିଏ ଆଉ ରଣ ଚଣ୍ଡୀ ଭଳି ଗର୍ଜିବା ଆରମ୍ଭ କଲା..... ? " କ'ଣ ହେଲା ? ଭାତ ନରମ ହେଇଗଲା ? ହଇରେ , ଅଠର ବର୍ଷର ଭେଣ୍ଡିଆ ପୁଅ ଟାଏ ତୁ, ସଞ୍ଜ ପହରୁ ଟଙ୍କା ଦୁଇଶ' ପକେଟରେ ପୁରେଇ କୁଆଡେ ଯାଇଛୁ ଯେ ଯାଇଛୁ । ତିନି ଘଣ୍ଟା ପରେ ବୁଲି ବୁଲି ଆସି କହୁଛୁ କ'ଣ ନା' ..ଭାତ ନରମ ହେଇଗଲା । ଯା' ଫୋପାଡି ଦେ' ସେ ଭାତ । ଦରକାର ନାହିଁ ଆମର ତୋ' ସାହାଯ୍ୟ । ଆରେ ଦି'ମାସ କାଳ ବେମାର ହୋଇ ତୋ' ବାପ ଟା କତରା ଲଗା ହୋଇ ପଡିଛି, ଧାର କରଜ ରେ ବୁଡି ଗଲୁଣି ଆମେ । କେମିତି କରଜ ଶୁଝିବୁ , ତୋ' ବୋପା ର ଦେହ ଭଲ ହେବ, ମୁଁ ସେଇଥିପାଇଁ ପରା ଦିନ କାମ ବାଦ ରେ ରାତି କାମ ଧରିଛି, ଚଢା ପଇସା ମିଳିବ ବୋଲି , ତୁ ଦେଖି ପାରୁନୁ କିଛି ? ଏତେ ବକଟେ ଛୁଆ ତୋ' ସାନଭାଇ ମିଟୁ , ସିଏ ବୁଝୁଛି ଟି ଆମ ଦୁଃଖ । ଏ କାଠୁଆ ଶୀତରେ ରେ ସିଏ ମୋ' ସାଥିରେ ଆସିଛି ଟିକେ ସାହାଯ୍ୟ କରିଦେଲେ ଗୋଡି ବୁହା କାମ ଶିଘ୍ର ସରିବ ବୋଲି ! ଆଉ ତୁ ...? ତୁ' କ'ଣ କରୁଛୁ ? ସାଙ୍ଗସାଥୀଙ୍କ ମେଳରେ ମଉଜ କରୁଛୁ ?

ତୁ' ଆମର ଭେଣ୍ଡିଆ ପୁଅ , ତତେ ମଜୁରି ଲାଗିବାକୁ ଲାଜ ମାଡୁଛି । ମାଟ୍ରିକ ପଢିଛୁ ତ ! ସେଇଥିପାଇଁ । ଆରେ ତୋ' ବୟସର ହେଲା ବେଳକୁ ତୋ' ବାପ ସଂସାର କରିଥେଲା, ଆମ ସମସ୍ତଙ୍କୁ ପୋଷୁଥିଲା । ତୁ' କ'ଣ କଲୁ ମ' ? ପେଟପାଟି କାଟି ତତେ ପାଠ ପଢେଇଥିଲୁ କ'ଣ ଏମିତି ବାନା ହୋଇ ସାଙ୍ଗ ମାନଙ୍କ ସହିତ ବୁଲିବା ପାଇଁ ? ଧିକ୍ ତୋ' ପୁଅ ପଣିଆ । ଯା' ଆହୁରି ବୁଲିବୁ ଯା' । ଏ ଦେହରେ ଏବେ ବି ସେତିକି ବଳ ଅଛି ଖଟିବାକୁ । ମୁଁ କାମ ସାରି ଘରକୁ ଗଲେ ଆଉଥରେ ଭାତ ରାନ୍ଧି ତୋ' ବାପ କୁ ଗରମ ଗରମ ଖାଇବାକୁ ଦେବି । ଆରେ , ଭଲରେ ଗଣ୍ଡାଏ ଖାଇଲେ ତ ସିଏ ଉଠିବ । ସିଏ ଥିଲେ ମୋ'ର କାଠିଏ ବଳ । କିଏ ପଚାରେ ବେ' ତୋ' ଭଳି ପୁଅକୁ ? ଯା' ଯା' କହି ରାଗ ରେ ଫୋନ୍ କାଟିଲା ସେ । ତା' କଥା ରୁ ଏବେ ଦୁଃଖ, କ୍ରୋଧ ଆଉ ଅଭିମାନ ସ୍ପଷ୍ଟ ବାରି ହୋଇ ପଡୁଥିଲା । ତା ସହିତ ବୋଧହୁଏ କିଛି ଲୁହ ବି ବାହାରି ଆସିଲା ତା' ଆଖିରୁ ।

ସେ ମୋ' ଆଡକୁ ମୁହଁ କରି ଠିଆ ହେଲା । ତା' ର ଦୁଃଖ ସବୁ ଇଥର୍ ରେ ସଞ୍ଚରି ସାରିଥିଲା ମୋ' ଭିତରେ । ଆଉ କିଛି ପ୍ରଶ୍ନବାଚୀ ନଥିଲା ମୋ'ମନରେ କି ଆଖିରେ । ତା' ନାରୀତ୍ୱ ର ନୀରବ ଭାଷା ଚହଲେଇ ଦେଉଥିଲା ମୋ' ହୃଦୟ କୁ । ସେଇଠି ଥାଇ ମୁଁ ତା'ର ଚେହେରାକୁ ଲକ୍ଷ୍ୟ କରୁଥିଲି । ସ୍ତ୍ରୀ ଲୋକଟିର ବୟସ ଖୁବ୍ ବେଶିରେ ପଇଁତ୍ରିଶ କି ଛତିଶି ହେବ , ପତଳା ନକନକିଆ ଗଢଣ, ତୋଫା ନହେଲେ ବି ଗହମ ରଙ୍ଗର ସୁନ୍ଦର ଚେହେରା, ମଥାରେ ବଡ ନାଲି ସିନ୍ଦୂର ଟୋପାଟିଏ । ଗୋଟାଏ ଅପୂର୍ବ ଆତ୍ମବିଶ୍ୱାସ ରେ ଝଲସୁଥିଲା ତା' ମୁଖମଣ୍ଡଳ । ମା' ଦୁର୍ଗାଙ୍କ ଭଳି ତେଜୀୟାନ୍ ଲାଗୁଥିଲା ସେଇ ମୂଲିଆଣି ଟି । ଏଇ ଭିତରେ ବୋଧହୁଏ ମୋ'ର ଚେହେରା ବି ପଢି ନେଇଥିଲା ସେ । ଏବେ ସେ ନିଜ ଅଣ୍ଟାରେ ଲୁଗା ଭିଡି ଆଗେଇଗଲା ଗୋଡି ବୋହିବାକୁ । ସେଇ ଛୋଟ ବାଳକ ଟିର ହାତରେ ହାତ ମିଶେଇ ଉଠେଇନେଲା ଗୋଡିଭର୍ତ୍ତି କଡେଇ ଟି । ପୁଣି ଥରେ ଜୋର୍ ଜୋର୍ ରେ ବେଲଚା ଚଳାଉଥିଲା ବାଳକ ଟି । ସେ ଆଉ ଗୋଟିଏ କଡେଇ ଭର୍ତ୍ତି କରୁଥିଲା । କୌଣସି ପ୍ରତିକ୍ରିୟା ନଥିଲା ତା' ମୁହଁ ରେ ।

ଭାରି ମନ ନେଇ ମୁଁ ଗେଟ୍ ରେ ତାଲା ପକାଇ ଘର ଭିତରକୁ ଫେରିଲି । ଆମ ପିଲାଏ ମୋଟା ଗଦିବାଲା ଖଟ ଉପରେ ନରମ କମ୍ବଳ ତଳେ ଆରାମରେ ଶୋଇଥିଲେ ।

ଶାରଳା ଭବନ
ପୋତାପୋଖରୀ
ନୂଆବଜାର କଟକ

ଖାରବେଳ

ଶ୍ରୀ ଜଗଜ୍ଜୀବନ ସା

ହେ କଳିଙ୍ଗବୀର,
ନେଲ ପ୍ରତିଶୋଧ
ଲାଂଛିତ,ଅବାଞ୍ଛିତ
ହୀନ ଦାସତ୍ୱର ।
ଯେଉଁଦିନ ଚଣ୍ଡାଶୋକ
ଧଉଁଳି ପାହାଡ଼ର
ଦଇଆ ନଈ
ରକ୍ତ ସ୍ରୋତ
ଶତଶତ ନିହତ ସୈନିକଙ୍କର
ଓ ଅନେଶତ ଅନେଶତ ବନ୍ଦୀ
ପାଇକଙ୍କର
ନିର୍ଯ୍ୟାତନା, ଅପମାନର
ନେଲ ପ୍ରତିଶୋଧ ।
ରୁଢ଼ ରୁ ରୁଢତର
ଦୃଢ଼ ରୁ ଦୃଢତର
କର୍କଶ ରୁ କର୍କଶ ହୋଇ
ମଗଧକୁ କଲ ନତମସ୍ତକ ।
ହେ କଳିଂଗବୀର
ନେଲ ପ୍ରତିଶୋଧ
କରୁବାକି ଦେବୀ ଓ କଳିଂଗବାସୀଙ୍କର
ନିର୍ଯ୍ୟାତନା ,ଅପମାନର ।
ଧନ୍ୟ ହେ ବୀର,
ଧନ୍ୟ ହେ ବୀର
କି ସାହସ ଓ ଶକତି ତୁମ୍ଭର !
ଭାରତ ଦିଗବିଜୟୀ
ମହାମେଘବାହାନ ଖାରବେଳ
ଖ୍ୟାତ ନାମ ବହି ଚିରସ୍ମରଣୀୟ ।
ହେ ଦୟାବନ୍ତ ,
କ୍ଷମାର ଆଦର
କି ଦୟା ତୁମ୍ଭର !
ଶେଷରେ
ଗ୍ରୀକ ଡ଼ିମିଟ୍ରିୟସଙ୍କୁ
ତଡିବା ପାଇଁ
ବୃହସ୍ପତି ମିତ୍ରଙ୍କ
ମୁଣ୍ଡେଦେଲ ରାଜମୁକୁଟ
ହାତେ ଦେଲ ଝଲସ ଖଣ୍ଡା
ଓ ସସୈନ୍ୟ ତୁମର ।
ହେ କଳିଙ୍ଗବୀର
ଜ୍ଞାନର ଭଣ୍ଡାର,
ଦୟା,କ୍ଷମାର ଆଦର
କି ସାହସ ଓ ଶକତି ତୁମ୍ଭର ।
ଯୁଗେ ଯୁଗେ ଏ କଥା
ଚିରଅମର
ଇତିହାସ ପୃଷ୍ଠାରେ ଲିପିବଦ୍ଧ
କଳିଙ୍ଗର ଗର୍ବ ଓ ଗୌରବ ।
ଧନ୍ୟ ହେ ବୀର
ଧନ୍ୟ ହେ ବୀର ।

କୁମ୍ଭାରୀ, ଗୋଲାମୁଣ୍ଡା
କଳାହାଣ୍ଡି(ଓଡିଶା)
ମୋ-୮୦୧୮୫୩୭୨୮୮

ଅଭିଳାଷୀ

ପ୍ରିୟରଞ୍ଜନ ସାହୁ

ଜୀବନ ଅଭିସାର ଥକିଯାଏ
ତା'ର ନୈନ୍ଦିନ ମାୟା ବୁଣିବାରେ
ବଞ୍ଚିବାର ଅଡୁଆ ସୂତାରେ ବୋଧେ
ଗଣ୍ଠି ପରେ ଗଣ୍ଠି ପଡ଼ିଚାଲେ...
ସେବେ ଆକ୍ରାମାକ୍ରାର ବେଳ ଆସେ
ଶୁଭେ ଆର୍ତ୍ତନାଦ...
ପାପ ପଙ୍କିଳତାରୁ ମୁକ୍ତି ଅର୍ଥ ?
ଘନଘନ ଚିତ୍କାର...
ପ୍ରାପ୍ତ ହେବାକୁ ନିର୍ବାଣରୁ କିୟଦଂଶ
ମୋକ୍ଷ ପ୍ରାପ୍ତିରେ ରଙ୍କ ପରି...
ଏଠି ଜୀବନର ମୂଲ୍ୟାଙ୍କନ ସ୍ୱପ୍ନ.. !
କଳେବର ? ମହାପ୍ରୟାଣ ? ?
କ'ଣ ବା ନବଜନ୍ମ ?...
ଲାଭ କ୍ଷତି ହିସାବର ଉର୍ଦ୍ଧ୍ୱରେ..
ସର୍ବୋପଲବ୍ଧତା ମେଣ୍ଟାଇ ପାରେନି
ଅବା
ସ୍ୱତଃ ବୀତସ୍ପୃହ ହୋଇଯାଏ
ମନଶ୍ଚକ୍ଷୁ ସନ୍ଦର୍ଶନ କରିସାରିଥାଏ
ବୋଧେ
ସେ ପୁରର ଥାଟ ବାଟ...
ନିର୍ବିକାର ଚିତ୍ତ ? ସନ୍ତର୍ପିତ ମୁଦ୍ରାରେ
କାମନା କରେ
ତା' ପୂର୍ବାପର ସଙ୍ଗତିକୁ
ପାସୋରିଯାଇ...
ପ୍ରତିକ୍ଷଣ ଚାହେଁ..କେବଳ ଚାହେଁ
ଚାତକର କାରୁଣ୍ୟରେ ପାଲଟି ଯାଏ
' ଅଭିଳାଷୀ '
ଜାଗତିକ ଚିରସତ୍ୟ ମୃତ୍ୟୁର... ! ! !

ରସୁଲଗଡ଼,ଭୁବନେଶ୍ୱର
ମୋ.-୮୧୧୮୦୨୭୭୫୬

ଏମିତି ଲୋଡା

କବି କେଶବ ଚନ୍ଦ୍ର ନାୟକ

ଏମିତି ମଣିଷଟେ ଲୋଡା
ଭାଷାରେ ଥିବ ମଧୁରତା
ଏମିତି ମୁହଁଟିଏ ଲୋଡା
ଆକର୍ଷି ହେଉଥିବ ହୃଦ
ଏମିତି ସାଥିଟିଏ ଲୋଡା
ହୃଦୟ ଥିବଟି ନିର୍ମଳ
ଏମିତି ମନଟିଏ ଲୋଡା
ସ୍ନେହ ତା' ଥିବ ଅନାବିଳ
ଏମିତି ରୂପବତୀ ଲୋଡା
ଏ ଆଖି ଲାଖି ରହୁଥିବ
ଏମିତି ଜହ୍ନଟିଏ ଲୋଡା
ଜ୍ୟୋତ୍ସ୍ନାରେ ଭିଜୁଥିବ ଦେହ
ଏମିତି ଫୁଲଟିଏ ଲୋଡା
ସୁଗନ୍ଧ ? ମୋହୁଥିବ ପ୍ରାଣ
ଏମିତି ଋତୁଟିଏ ଲୋଡା
ଦେହରେ ନଥିବ ଯନ୍ତ୍ରଣା
ଏମିତି ସ୍ଥାନଟିଏ ଲୋଡା
ବିମୁଗ୍ଧ କରୁଥିବ ଚିତ୍ତ
ଏମିତି ପ୍ରେମଟିଏ ଲୋଡା
ନଥିବ ବିରହ ବିଚ୍ଛେଦ
ଏମିତି ପ୍ରେମିକା ମୋ ଥିବ
ତା'ମିଠା ଚୁମ୍ବନେ ତୋଷିବ.... ! !

(ସଭାପତି,ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)
ମୋନଂ:୯୪୩୭୭୭୯୪୪୭

ପ୍ରେମ ପ୍ରଣୟ

ନିରଞ୍ଜନ ସାହୁ

ଭଲ ପାଇବାରେ ଅନେକ ଯାତନା
କାହିଁକି ହୋଇଛି ଲେଖା
ବିଧାତା ବିଧାନେ କାହିଁକି ଟାଣିଛି
ପ୍ରଣୟରେ ଦୁଃଖ ରେଖା ?
ସମାଜ କଦାପି ସ୍ୱୀକୃତି ଦିଏନା
ଭଲ ପାଇବାକୁ କେବେ
କାହିଁକି ସଭିଏଁ ମୁହଁ ମୋଡିଥାନ୍ତି
ଶୁଣିଲେ କାନରେ ଯେବେ
କିଏ ସହଜରେ ଗ୍ରହଣ କରିଛି
ତାକୁ ଟିକେ ମୋତେ ଦେଖା ।
ପ୍ରେମ ପ୍ରଣୟର ଜୀବନରେ ମିଳେ
ଦୁଃଖର ଅନେକ ଚିତ୍ର
କେତେଜଣ କୁହ ସାହାଯ୍ୟ କରନ୍ତି
ସାଜି ଅନୁଭବି ମିତ୍ର
କେତେ ହାରିଯାନ୍ତି କେତେ ବି ଜିତନ୍ତି
ଜଳେ କେତେ ଜୁଇ ଶିଖା ।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩

ବୋଉର ଲୁହ

ସୁଦର୍ଶନ ମହାପାତ୍ର

ଗୀତା ,ଭାଗବତ ଅବା
ପୁରାଣ ପଂକ୍ତିରେ
ମନ୍ଦିର ବେଢ଼ାରେ, ଅବା
ଦିଅଁ ଦର୍ଶନରେ
ବୋଉ ଆଖି ଛଳଛଳ
ଭାବର ଲୁହରେ... !
ପ୍ରସାରିତ ମହାଭାରତ ଅଧ୍ୟାୟରେ
ଅଭିମନ୍ୟୁ ବଧର ଶେଷ ପର୍ଯ୍ୟାୟରେ
ଦ୍ରୌପଦୀର ଆତୁର ସ୍ୱରରେ, ଅବା
ଦେବକୀର ରୁଦ୍ଧ ବିଳାପରେ
ଲୁହର ଲହଡ଼ି ଭାଙ୍ଗେ
ମୋ ବୋଉର
ଆଖି ସମୁଦ୍ରରେ... !
ରାମାୟଣ କଥନିକାରେ
ବିବଶ ପିତାର କୋହରେ
ଅଲିଅଳି ତଅପୋଇର
ଦୁଃଖ ଦୁର୍ଦ୍ଦଶାରେ, ଅବା
ସମ୍ରାଟ ବିମ୍ବିସାର ଉପଖ୍ୟାନରେ
ବୋଉ ଆଖି ଉବୁଟୁବୁ
ଲୁହର ବନ୍ୟାରେ... !
କେବେ ପୁଣି
ଗାଁ ଛାଡି ଶାଶୁଘର ଯାଉଥିବା ଝିଅର
କାନ୍ଦଣା ସ୍ୱରରେ
କାହାର ପଦେ ଟାଣ କଥାରେ, ଅବା
ଅନାହୂତ ବିପଦର କ୍ଷୀଣ ଆଭାସରେ
ଆଖିରୁ ନିଗୁଡୁଥିବା ଲୁହ ସବୁ
ସନ୍ତର୍ପଣରେ ଲୁଚୁଥାନ୍ତି
ମୋ ବୋଉ ପଣତକାନିରେ... ! !

କୁଞ୍ଜବିହାରୀ ଲେନ, କଟକ

ଶ୍ୱାସରୁଦ୍ଧ ସ୍ୱପ୍ନ

ସୁଧାକର ରାଉତ



ଯେବେ ଠାରୁ ତୁମେ ମୋ ଠୁ
ନେଲଣି ବିଦାୟ
ସେବେ ଠୁ ଲାଗୁଛ ତୁମେ
ଭାରି ଅସହାୟ ।
କେଣେ ଲୁଚିଗଲା ତୁମ
ସେନେହ,ସରାଗ
ଭଲମନ୍ଦ କଥା ଆଉ
ପୀରତି ସୋହାଗ ।
ଖେଦ ସବୁ ଚାପି ହୃଦ
ପଥରର ତଳେ
ବିଳାପ କରୁଛ ମନେ
ନ କାନ୍ଦି ଆକୁଳେ ।
ଅଦିନିଆ ବର୍ଷା ପରି
ଅଳିକ ସପନ
ସଂସାର ଜାଲରେ ଛନ୍ଦି
ହେଲେ ଅନ୍ତର୍ଦ୍ଧାନ ।
ଅତୀତ ପୁରୁଣା ସ୍ମୃତି
ବାଧ କଲେ ମୋତେ
ନିବର୍ତ୍ତାଏ ତାଙ୍କୁ ବୋଧ
ଦେଇ ପାରେ ଯେତେ ।
ସମାଜର ନାଲିଆଖି
ନିନ୍ଦା ଅପବାଦ
ଆଶଙ୍କିତ କରେ ନିତି
ବିଗତ ବିବାଦ ।
ଦେହଯାକ ନେସି ହୋଇ
ସେ ଅଲୋଡା କଥା
ତୁମ ମୋ ହୃଦୟେ ଆଙ୍କ ?
ଅଗଣିତ ବ୍ୟଥା ।
ଭାବୁଛି ଯେବେ ମୁଁ କେବେ
ହୁଏ ପୁଣି ଭେଟ
ନିବୁଜ ଘରର ଆପେ
ଖୋଲିବ କବାଟ ।
ଅନ୍ଧାରରେ କେତେ ଆଉ
ନିଜ ପ୍ରଥହୁଡ଼ି
ଆଘାତ ଅଗ୍ନିରେ ନିତି
ମରୁଥିବା ପୋଡି ।
ଆସ ଏ ବସନ୍ତେ ଦୁହେଁ
ହୋଇ ଆତ୍ମହରା
ପିଙ୍ଗିଣି ଖୋଜିବା ସୁଖ
ସ୍ପର୍ଶ ଅପାସୋରା ।

ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

ବସନ୍ତ ଆସିଛି

ରାହାସ କୁମାର ବେହେରା

ଫୁଲ ରାଣୀ ବାସିଲାଣି
ଦେହକୁ ସଜେଇ
ଅପରୂପା ରୂପ ତାର
ଚିକଣ ଦିଶୁଛି ଯେଣୁ ବସନ୍ତ ଆସିଛି
ପାଗଳ ଭଅଁର ଗୀତ ଗାଏ ଗୁଣୁ ଗୁଣୁ
କୋଇଲି ଆମ୍ବ ଡାଳେ ଡାକେ କୁହୁ କୁହୁ
ଦକ୍ଷିଣୀ ପବନ ବହେ
କି ସୁନ୍ଦର ମନୋରମ ପରିବେଶ
ଆନନ୍ଦ ଲାଗୁଛି ଯେଣୁ ବସନ୍ତ ଆସିଛି
ସଞ୍ଜହେଲେ ନଦୀ କୂଳେ
ଗହଳି ଲାଗୁଛି
ଫୁଲେଇ ଜହ୍ନଟା ନୂଆ ବୋହୂ ପରି
ଲାଜେଇ ଯାଉଛି
ଚିକିମିକି ତାରାମାନେ ବାଦଲର
କୋଳେ
ଦେଖ ଗେହ୍ଲା ହୋଇ
ଆଖି ମିଟିକା ମାରନ୍ତି
ଯେଣୁ ବସନ୍ତ ଆସିଛି ।
ମନର ଚିତ୍ର ନଟୀ ଘୁଙ୍ଗୁର ବାନ୍ଧିଛି
ଭାସିଆସୁଥିବା ବଂଶୀ ସ୍ୱନେ
ମିଳନର ଚଉତିଶା ଗାଇ
ଝୁମୁକି ଆହ୍ଲାଦେ ନାଚୁଛି
ମନର ମଣିଷ ପାଇଁ ସିଂଥିରେ ଅବିର
ନାଉଛି
ଯେଣୁ ବସନ୍ତ ଆସିଛି ।
ମନୋଜ୍ଞ ପ୍ରକୃତିର ସୌନ୍ଦର୍ଯ୍ୟରେ
ବିଦଗ୍ଧ ଭାବୁକ ମନ ମୋର
ଖୁସିର କବିତା ଲେଖୁଛି ,
ଚିତ୍ରକର ଚିତ୍ର ଆଂକେ ଦୂର ବଳୟ,
ପାହାଡ଼,ଝରଣା, ପ୍ରଜାପତି ,ସବୁଜ
ଧରାଣୀର
କି' ଚମକ ଦିଶୁଛି
ଯେଣୁ ବସନ୍ତ ଆସିଛି ।

ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ : ୯୪୩୮୧୧୪୩୬୮

କେମିତି ହୋଇବୁ ମୋହରି ଭଳି

ଧୀରେନ୍ଦ୍ର ମଲ୍ଲିକ

ପଚାରିଲି ଆଜି ଜେଜେଙ୍କୁ ମୋହର
ହେଲାଣି ତୁମକୁ ବୟସ ଏତେ
ତଥାପି ଲାଗୁଛ ଚାଳିଶି ପରିକା
କଣ ଖାଉଛ କୁହହେ ମତେ,,
ହସି ହସି ଜେଜେ କହିଲେ ରେ ଧିରୁ
ଯାହା ତୁ ଖାଉଛୁ ସେଇଆ ଖାଏ,
ଖାଲି ତୋ'ଭଳି ଅଳସୁଆ ନୁହେଁ,
ସକାଳୁ ଉଠିକି ଚାଲିକି ଯାଏ,,
ଡାକିଲେ ତତେ ମୁଁ ଆ ମୋ ସାଥିରେ
ନଶୁଣିଲା ପରି ଚୁପ ରହୁ,
ଶୀତ ଲାଗୁଅଛି ମୁଣ୍ଡ ବିନ୍ଧୁ ଅଛି
ଆଉ କେତେକଥା ମିଛରେ କହୁ,,
ଶୁଉଣୁ ନାତିଆ କହୁଛି ତତେ ମୁଁ
କେମିତି ହୋଇବୁ ମୋହରି ଭଳି
ବୁଢା ହୋଇଲେ ବି କାହାରି ଉପରେ
ନିର୍ଭର ନକରି ପାରିବୁ ଚଳି,,
ପାହାନ୍ତାରୁ ଉଠି ନିତ୍ୟକର୍ମ ସାରି
ଆଗ୍ରହ ସହିତ କରିବୁ ଯୋଗ,
ହୋଇବ ସୁନ୍ଦର ସ୍ୱାସ୍ଥ୍ୟଟି ତୋହର
ଛୁଇଁ ପାରିବନି କୌଣସି ରୋଗ,,
ବ୍ୟାୟାମ ସାଙ୍ଗକୁ ଚାଲି ଚାଲି ଯିବୁ
ଦୁଇ ତିନି କିଲୋ ମିଟର ବାଟ,
ଥକି ଯିବୁ ନାହିଁ କେଉଁଠାରେ ତୁହି
ଖାଲିଥିବ ପୁରା ତୋହରି ପେଟ,,
ଅଳପ ଖାଇବୁ ମାଛ,ମାଂସ, ଅଣ୍ଡା
ସିଝା ପରିବା ତୁ ଖାଇବୁ ବେଶୀ,
ନିଜ ବାଡ଼ିରେବି କରିଥିବୁ ଚାଷ
ହେଇଥିବ ସେ ଏକଦମ ଦେଶୀ,,
ମାଆଙ୍କୁ ତୋହର ବାରଣ କରିବୁ
ତେଲ,ଲଙ୍କା ଲୁଣ କଅମ ଦେବେ,
ଚଣା,କାଜୁ,କିଣି ନଟିଆ ଦୋକାନୁ
ଅଢେଇଶ ଲେଖା ତୋ ପାଇଁ ନେବେ,,
ଠିକ ସମୟରେ ପାଠ ତୁ' ପଢିବୁ
ଦୁଷ୍ଟ ହେବୁ ନାହିଁ ଜମାରୁ ତୁହି,
ଖରାରେ ଅଧିକ ନ'ବୁଲି କେବେବି
ଆରାମରେ ଯିବୁ ଖଟରେ ଶୋଇ,,
ସନ୍ଧ୍ୟା ସମୟରେ ବିଭୁଙ୍କୁ ସୁମରି
ବ୍ୟାୟାମ କରିବୁ ପୁଉଣି ଥରେ,
ପାଠ ପଢା ସାରି ଖାଇକି ଶୋଇବୁ
ମଶାରୀ ଟାଙ୍ଗିକି ଆପଣା ଘରେ,,
ଯଦି ତୁ କରିବୁ ଏମିତି..
ମୋହରି ବୟସ ହୋଇଗଲେ ତତେ
ତୁ'ବି ଦିଶିବୁ ସେମିତି,,

ନିଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬

ଅଫେରା ନୁହେଁ

ସୁବ୍ରତ କୁମାର ଜେନା

ଥରେ ମୁକୁଳିଗଲେ ତୀର ଗାଣ୍ଡିବରୁ,
ଥରେ ଝଡିପଡିଲେ ଫୁଲ ବୃନ୍ତରୁ,
ଥରେ କଥା ରୂପନେଲେ ବିବାଦିତ ଅଶ୍ରୁର,
ସମୟକୁ ଅଟକାଇବାର ବୃଥା
ପ୍ରୟାସରେ ।
ଋତୁ ଆସେ ଋତୁବତୀ ହୋଇ,
ଭରେ କେବେ କିଛି ମିଠା ମହକ,
କେବେ ପୁଣି ସ୍ମୃତିର ପଠା ପୋଡାଳିଆ
ବାସ୍ନାରେ,
ଅନେକ ହଁ ନାହିଁର ଦ୍ୱନ୍ଦ ଭିତରେ
ପୃହେଳିକା,
ସମୟ ଅସମୟରେ ପ୍ରେମ ବିରହର
ହୃଦୟ ନେଇ ।
ଅନେକ ସମୟ ଅନାମିକା ଚାହିଁରୁହେ,
ଅନ୍ଧାର ଆକାଶର ଚିକମିକ ତାରା ଫୁ

ମୋ ଓଡ଼ିଶା

ଷ୍ଟ୍ରଙ୍ଗ ରୁମର ସୁରକ୍ଷା ନେଇ ପ୍ରଶ୍ନବାଚୀ ?

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମର ସୁରକ୍ଷା ନେଇ ପ୍ରଶ୍ନବାଚୀ ଉଠିଛି। ଷ୍ଟ୍ରଙ୍ଗରୁମରେ ସିସିଟିଭି କ୍ୟାମେରା ଲାଗିଛି ଓ ବାହାରେ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହାସତ୍ତ୍ୱେବି ଷ୍ଟ୍ରଙ୍ଗରୁମ ବାହାରେ ବାଲାଟ ପେପର ପୋଡାଯିବା ଓ ଚିରାଯିବା ଘଟଣାକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରିଛି। ଏହି ଘଟଣାକୁ ନେଇ ଷ୍ଟ୍ରଙ୍ଗରୁମ

ବାହାରେ ଶୁକ୍ରବାର ସକାଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କେତେକ ରାଜନୈତିକ ଦଳର ନେତା ଓ କର୍ମୀମାନେ ଏକଜୁଟ୍ ହୋଇ ହୋହଲ୍ଲା କରିଥିଲେ। ସେଠାରେ ଯେଉଁ ବାଲାଟ ପେପର ପଡିଥିଲା ତାହା କଂସାର ଓ କପାଳେଶ୍ୱର ଗ୍ରାମପଞ୍ଚାୟତରେ ହୋଇଥିବା ମତଦାନର ବାଲାଟ ପେପର ବୋଲି ଅଭିଯୋଗ ହୋଇଛି। କଂସାର ପଞ୍ଚାୟତ ସରପଞ୍ଚ ତଥା ରାଜ୍ୟ ସରପଞ୍ଚ ମହାସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଘଟଣା ସ୍ଥଳରେ ତାଙ୍କ ସମର୍ଥକଙ୍କ ସହ ପହଞ୍ଚି ଅଭିଯୋଗ କରିଥିଲେ ଯେ ତାଙ୍କ ପତ୍ନୀ ଚଳିତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧୀ ସରପଞ୍ଚ ପ୍ରାର୍ଥୀ ହାରିଯିବା ଭୟରେ ଏଭଳି କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ଦଳର ସମର୍ଥନରେ ସେ ୨୦୧୭ମସିହାରେ ନିର୍ବାଚନ ଜିତିଥିଲେ। ତେଣୁ ଶାସକ ଦଳର ପ୍ରାର୍ଥୀ ହାରିଯିବା ଭୟରେ ଏଭଳି କାଣ୍ଡ ଘଟାଇ ଥାଇ ପାରନ୍ତି। ଉତ୍ତେଜନା ଖବର ପାଇ ଘଟଣାସ୍ଥଳକୁ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆ ଓ କେନ୍ଦ୍ରାପଡ଼ା ତହସିଲଦାର ହେମଲତା ବାହାଲିଆ ପ୍ରମୁଖ ଯାଇ ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି ରାତି ସାରା ପୋଲିସ ଫୋର୍ସ ଜଗି ରହିଥିଲେ। ଏଥିସହ ବିଭିନ୍ନ ରାଜନୈତିକ ଦଳର

ଏଜେଣ୍ଟମାନେ ମଧ୍ୟ ଷ୍ଟ୍ରଙ୍ଗରୁମ ବାହାରେ ଥିଲେ। ତେଣୁ କିପରି ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରାଯିବ। ତଦନ୍ତ ପରେ ଯେଉଁ ବ୍ୟକ୍ତି ଏଭଳି କାଣ୍ଡ କରିଥିବାର ପ୍ରମାଣ ମିଳିବ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାର ତଦନ୍ତ କରିବାକୁ କେନ୍ଦ୍ରାପଡା ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପଜିଲ୍ଲାପାଳ କହିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ବିଜେପି ଦୃଢ ନିନ୍ଦା କରିଛି। ବିଜେପି ଜିଲ୍ଲା ସଭାପତି କିଶୋର ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କୁ ସାକ୍ଷାତ କରି ଷ୍ଟ୍ରଙ୍ଗରୁମର ସୁରକ୍ଷା ଦାବି କରିଛନ୍ତି। ଏଥିସହ ଏହି ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଜେପି ଏହି ସ୍ମାରକପତ୍ରରେ ଉଲ୍ଲେଖ କରିଛି ଯେ ଯେଉଁ ବାଲାଟ ପେପର ଷ୍ଟ୍ରଙ୍ଗରୁମ ବାହାରେ ପଡିଥିଲା ସେଗୁଡିକ ଅସଲି ବାଲାଟ ପେପର। ଗତ ରାତିରେ ଷ୍ଟ୍ରଙ୍ଗରୁମରେ ଲୁଚାଣିଆ ଭାବେ କିଛି କାରସାଦି କରାଯାଇଥିବା ବିଜେପି ଅଭିଯୋଗ କରିଛି। ଜିଲା ସୁରକ୍ଷା ବ୍ୟବସ୍ଥା ଏଥିପାଇଁ ଦାୟୀ ବୋଲି ବିଜେପି କହିଛି। କେବଳ ସେତିକି ନୁହେଁ ଜିଲ୍ଲା ପ୍ରଶାସନ ଶାସକ ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛି। ତେଣୁ ଶାସକ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବାଲାଟ ବାକ୍ସରୁ ବାଲାଟ ପେପର ବଦଳାଇଥିବା ସନ୍ଦେହକୁ ଅଧିକ ଦୃଢିଭୁତ କରୁଛି ବୋଲି ବିଜେପି ଜିଲ୍ଲା ସଭାପତି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ ରତୁରାଜ କହିଛନ୍ତି ଷ୍ଟ୍ରଙ୍ଗରୁମ ସୁରକ୍ଷା ମଧ୍ୟରେ ରହିଛି। କେହି ଅସାଧୁ ବ୍ୟକ୍ତି ଏଭଳି କରିଥାଇ ପାରନ୍ତି। ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାରେ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ୨୬, ୨୭ ଓ ୨୮ତାରିଖରେ ଯେଉଁ ଭୋଟ ଗଣତି ହେବ ତାହାର ଲାଇଭ ଷ୍ଟ୍ରିମିଂ ଭୋଟ ଗଣନା କେନ୍ଦ୍ର ବାହାରେ ପରଦା ମାଧ୍ୟମରେ ପ୍ରଦର୍ଶନ କରାଯିବ। ଏହି ଘଟଣା ଉପରେ ବରିଷ୍ଠ କଂଗ୍ରେସ ନେତା ତଥା ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ କହିଛନ୍ତି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନାରେ କେନ୍ଦ୍ରାପଡ଼ା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯେଉଁଭଳି ଭାବେ ହିଂସା, ବୁଥ ଦଖଲ ଏବଂ ଭୋଟ ବାକ୍ସ ସିଲ ହେବାପରେ ତାକୁ ପୁନର୍ବାର ଖୋଲି ଶାସକ ଦଳର ନେତାମାନେ ବାଲଟ ପେପର ବଦଳାଇବା ଘଟଣା ଭାରତ ବର୍ଷର ନିର୍ବାଚନ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ହୋଇ ରହିବ। ଏଥିରୁ ପ୍ରମାଣିତ ହେଉଛି ନିର୍ବାଚନ ପରିଚାଳନା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅଯୋଗ୍ୟ ବୋଲି ଶ୍ରୀ ସେଠୀ ଅଭିଯୋଗ କରିଛନ୍ତି।

ବାର୍ଷିକ ଅଷ୍ଟପ୍ରହର ଓ ନାମଯଜ୍ଞ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍) ସବୁ ବର୍ଷ ପରି ଚଳିତ ବର୍ଷ ସ୍ଥାନୀୟ ଜେମାଦେଇ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମବାସୀ ସମୂହଙ୍କ ଉଦ୍ୟମରେ ତିନି ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୋଧାଭାବେ ଅପନା ପ୍ରଧାନ, ଧ୍ରୁବଚରଣ ସେନାପତି, ରୋହିତ କୁମାର ସାହୁ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଖୋର୍ଦ୍ଧା ଆଖପାଖରୁ ଛଅ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଚଳିତ ବର୍ଷ ଜୟୀରାଜଗୁରୁ ସ୍ମୃତି କମିଟି ଜେମାଦେଇ ତରଫରୁ ସଭାପତି ଜୟକୃଷ୍ଣ ସେନାପତି ଓ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରତ୍ୟେକ ସଂକୀର୍ତ୍ତନ ମଣ୍ଡଳୀରୁ ଜଣେ ଶ୍ରେଷ୍ଠ ଗାୟକ ଓ ବାୟକଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରି ଚୟନ ପ୍ରକ୍ରିୟା ସ୍ଥିର କରିଥିଲେ । ଚୟନ ଆଧାରରେ ବେଗୁନିଆ ଅଠାରଙ୍ଗ ସଂକୀର୍ତ୍ତନ ମଣ୍ଡଳୀରୁ ସୁଦୀପ୍ତ କୁମାର ପଣ୍ଡା ଓ ରମାକାନ୍ତ ଗୁମାନସିଂହ । ବାଙ୍କି ତାଳବସ୍ତ ସଂକୀର୍ତ୍ତନ ମଣ୍ଡଳୀରୁ ସୁଦୀପ୍ତ ବେହେରା ଓ ନବ କିଶୋର ବେହେରା, ଗୁରୁଜଙ୍ଗ ସଂକୀର୍ତ୍ତନ ମଣ୍ଡଳୀରୁ ବେଣୁଧର ସାହୁ ଓ ପ୍ରଫୁଲ୍ଲ କୁମାର ବେହେରା । ଜେମାଦେଇ ଦଳରୁ ରବୀନ୍ଦ୍ର କୁମାର ପ୍ରଧାନ ଓ ନିରଞ୍ଜନ ମହାପାତ୍ର । କୁମାରବସ୍ତ ଦଳରୁ ଗୋଲଖ ବଡ଼ଜେନା, ମୁକୁନ୍ଦ ପ୍ରସାଦ ଦଳରୁ ନବ କିଶୋର ପ୍ରଧାନ ଓ ବିଜୟ କୁମାର ସୁନ୍ଦରାକୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷ ଦିନ ନଗର କୀର୍ତ୍ତନ ସମାପନ ପରେ ଶିକ୍ଷାବିତ୍ ଗୌରହରୀ ମିଶ୍ର, ଗତିକୃଷ୍ଣ ଉତ୍ତରକବାଟ, ବି.ଆର.ସି. ସତ୍ୟବାନ ଶ୍ରୀଚନ୍ଦନ, ଓ ଖୋର୍ଦ୍ଧା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁ ଯୋଗଦେଇ କଳାକାରମାନଙ୍କୁ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଦାଧର ରଥ, ଅମୀୟ କୁମାର ପ୍ରଧାନ, ପ୍ରତାପଚନ୍ଦ୍ର ପ୍ରଧାନ, ଚନ୍ଦନ କୁମାର ପାତ୍ର, କାର୍ତ୍ତିକ ପରିଡ଼ା, ପ୍ରମୁଖ ସହଯୋଗ ପ୍ରଦାନ କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ କଣ୍ଟୁରି କାଳିଆ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ମହୋତ୍ସବ ଅନୁଷ୍ଠିତ ହୋଇ ସମୂହ ପ୍ରସାଦ ସେବନ କରିଥିଲେ ।

ପୂର୍ବତନ ବିଧାୟକ କାଙ୍ଗାଳି ପଣ୍ଡାଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍) : ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା କଂଗ୍ରେସର ଜଣେ ଗାନ୍ଧୀବାଦୀ ଆଦର୍ଶ ଜନପ୍ରିୟ ନେତା କାଙ୍ଗାଳି ପଣ୍ଡାଙ୍କର ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କର ମରଶରୀରକୁ ଶୋଭାଯାତ୍ରାରେ କୁଆଖିଆସ୍ଥିତ ସାରଙ୍ଗପୁର ଗ୍ରାମକୁ ନିଆଯାଉଥିବା ବେଳେ ମୂଳାପାଳଛକ ପରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ, ଜିଲ୍ଲା କଂଗ୍ରେସ କମିଟି ତରଫରୁ ସଭାପତି ମନୋଜ କୁମାର ରାଉତ, ପି.ସି.ସି ସଂପାଦକ ସନ୍ତୋଷ କୁମାର ନନ୍ଦ, ଓ.ବି.ସି ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଂଟିଆ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ସାଧାରଣ ସଂପାଦକ ହୃଷିକେଶ ପତି, ଉପସଭାପତି ବିଭୂତି ମହାପାତ୍ର, ରାଜୀବ ମହାପାତ୍ର, ସଂଗ୍ରାମ ଜେନା, ସଂଗ୍ରାମ ସାହାଣୀ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ଅନୁସୂୟା ବିଶ୍ୱାଳ, ପୂର୍ବତନ ପିସିସି ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି, କଂଗ୍ରେସ ନେତ୍ରୀ ପ୍ରତିମା କର, କନକଲତା ରାଉତ, ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ମିଡିଆସେଲ୍ ଆବାହକ ଆଦିତ୍ୟ ମହାନ୍ତି, ଆଇନ୍‌ସେଲ ସଭାପତି ନିତାଇଚାନ୍ଦ ମହାନ୍ତି, ଯାଜପୁର ବ୍ଲକ୍ କଂଗ୍ରେସ ସଭାପତି ଗଦାଧର ଦାସ, ଦଶରଥପୁର ବ୍ଲକ୍ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଦେବେନ୍ଦ୍ର କୁମାର ପଣ୍ଡା ଓ ବିଜୟ ମହାପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ଈଶ୍ୱରଙ୍କ ନିକଟରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକ ମହାସଂଘର ରାଷ୍ଟ୍ରୀୟ ଅଧିବେଶନ

ଭୁବନେଶ୍ୱର (ପିଏନ୍): ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଓ ୧୦ମ ରାଜ୍ୟ ଅଧିବେଶନ ପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି ଅଧିବେଶନ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଓଡ଼ିଶାରେ ଅନୁଷ୍ଠିତ ହେବ। ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ପ୍ରକାଶ ପାଇ ଆସୁଥିବା ୨୦୦ ସମ୍ବାଦପତ୍ରର ସମ୍ପାଦକ ଯୋଗଦେବେ। ଅଧିବେଶନ ଅବସରରେ ଏକ ଆକର୍ଷଣୀୟ ରଙ୍ଗିନ ସ୍ମରଣିକା ପ୍ରକାଶ ପାଇବ। ଏଠାରେ ଉଲ୍ଲେଖ କରାଯାଇପାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞାପନ ନୀତି ଯୋଗୁ କ୍ରମାଗତ ଭାବେ ଭାରତ ବର୍ଷ ତଥା ବିଭିନ୍ନ ରାଜ୍ୟରେ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ବହୁ ସମସ୍ୟା ଦେଇ ଗତି କରୁଛନ୍ତି। କରୋନା ମହାମାରୀ ଯୋଗୁ ପ୍ରୋତ୍ସାହନ ଅଭାବରୁ ଗତ ଦୁଇବର୍ଷରେ ଶହ ଶହ ସମ୍ବାଦପତ୍ର ବନ୍ଦ ହୋଇଗଲାଣି। ଓଡ଼ିଶା ସରକାର ବୃହତ ସମ୍ବାଦପତ୍ର ବୋଲାଉଥିବା ତଥା ଏବିସିର ପ୍ରସାର ଦେଖାଇ କୋଟି କୋଟି ଟଙ୍କା ରାଜ୍ୟ ସରକାରଙ୍କ ଠାରୁ ବିଜ୍ଞାପନ ବାବଦରେ ପାଉଥିବା ବେଳେ ରାଜ୍ୟ ସରକାର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଓଡ଼ିଶା ସରକାର ପୂର୍ବରୁ ବିଭିନ୍ନ ଜାତୀୟ ଦିବସ, ପୂଜାପର୍ବରେ ୫୦୦ ସ୍କ୍ୱାୟାର ସିଏମ୍ କଲର ବିଜ୍ଞାପନ ପ୍ରଦାନ କରୁଥିଲେ । ବର୍ତ୍ତମାନ ତାହା ବନ୍ଦ କରି ଦେଇଛନ୍ତି ଏବଂ ପୂର୍ବରୁ ଦିଆଯାଉଥିବା ନିର୍ଦ୍ଧାରିତ ଦର ଠାରୁ ହ୍ରାସ କରି ଦିଆଗଲା । ଫଳରେ ଖବରକାଗଜ ଗୁଡ଼ିକ ଢ଼ୋକେ ପିଇ ଦଣ୍ଡେ ଜିଇଁ ଅବସ୍ଥାରେ ରହିଛନ୍ତି। ସରକାର ବିଭିନ୍ନ ବର୍ଗର ଲୋକଙ୍କ ସହାୟତା ପାଇଁ ବହୁ ଯୋଜନା ପ୍ରଣୟନ କରିଥିଲେ ମଧ୍ୟ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପ୍ରତି ଅବହେଳା ପ୍ରଦର୍ଶନ କରିବା ପରିତାପର ବିଷୟ। ଅନ୍ୟପଟେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନେ ସୁରକ୍ଷିତ ନୁହନ୍ତି। ପ୍ରତିଦିନ କେଉଁଠି ନା କେଉଁଠି ପ୍ରଭାବଶାଳୀ ଲୋକ ଓ ସରକାରୀ ପଦାଧିକାରୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇ ଆସୁଛନ୍ତି। ସତ୍ୟ ଖବର ପ୍ରକାଶ କରି ସାମ୍ବାଦିକମାନେ ସରକାରୀ ଆକ୍ରୋଶର ଶିକାର ମଧ୍ୟ ହେଉଛନ୍ତି। ସାମ୍ବାଦିକମାନଙ୍କ ସଂଗଠନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାର ସାମ୍ବାଦିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହୁଥିବା ବେଳେ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ସାମ୍ବାଦିକମାନଙ୍କୁ ରାଜ୍ୟ ସଚିବାଳୟକୁ ଯିବାକୁ ଅନୁମତି ଦିଆଯାଉନାହିଁ। ଏ ସମ୍ପର୍କରେ ମଧ୍ୟ ରାଜ୍ୟରେ ପ୍ରକାଶ ପାଉଥିବା ବୃହତ୍ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମମାନେ ମଧ୍ୟ ପ୍ରତିବାଦ କରିନାହାନ୍ତି। ଏସବୁ ଦୃଷ୍ଟିକୋଣରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକ ଓ ପ୍ରକାଶକମାନଙ୍କୁ ନେଇ ଏକ ଶକ୍ତିଶାଳୀ ମଞ୍ଚ ଗଠନ ସହ ଏହାର ଦୃଢ଼ ପ୍ରତିବାଦ କରାଯିବାର ଆବଶ୍ୟକତା ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଧାରାବାହିକ ଭାବେ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକୁ ସରକାରୀ ଅନୁମୋଦନ ପ୍ରଦାନ, କେନ୍ଦ୍ର ସରକାରଙ୍କ ଡିଏଭିପି ଅନୁମୋଦିତ ସମ୍ବାଦପତ୍ରଗୁଡ଼ିକ ପାଇଁ ଜାରି ବିଜ୍ଞାପନ ଦର ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରିବା, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଜ୍ୟସ୍ତରୀୟ ସାମ୍ବାଦିକମାନଙ୍କୁ ସରକାରୀ କ୍ୱାଟର ଭୁବନେଶ୍ୱରରେ ଯୋଗାଇବା, ଦିଲ୍ଲୀରେ ଥିବା ଇଣ୍ଡିଆନ ନ୍ୟୁଜପେପର ସୋସଇଟି ଭଳି ଓଡ଼ିଶାରେ ଏକ ଭବନ ନିର୍ମାଣ କରି ସମ୍ବାଦପତ୍ରର କାର୍ଯ୍ୟାଳୟ ପାଇଁ କୋଠରୀ ପ୍ରଦାନ କରିବା, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଓଡ଼ିଶାରେ ସାମ୍ବାଦିକ ପେନସନ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ସମ୍ପର୍କରେ ବ୍ୟାପକ ବିଚାର ବିମର୍ଶ କରାଯିବ ଏବଂ ଏହି ଅବସରରେ କେନ୍ଦ୍ର ଓ ରାଜ୍ୟର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଏ ସମ୍ପର୍କରେ ମହାସଂଘ ସଭାପତି ରବି ରଥ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

କେନ୍ଦ୍ରାପଡା ମହାବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରତିବର୍ଷ ଭଳି "ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ" ପ୍ରଦାନ କରାଯାଇଛି। ଚଳିତବର୍ଷ ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଖ୍ୟାତ ପ୍ରସ୍ତର ଓ କଳା ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ଚରଣ ଓଝାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ଓଝା କେନ୍ଦ୍ରାପଡା ମହାବିଦ୍ୟାଳୟର ତୋରଣ ନିକଟରେ ପଥର ଖୋଦେଇ ପୁସ୍ତକ ଓ ଲାଲ୍‌ଟପ ଧରିଥିବା ପ୍ରତିମୂର୍ତ୍ତି ନିର୍ମାଣର ଦାୟିତ୍ୱ ହାତକୁ ନେଇଛନ୍ତି ଏବଂ କେନ୍ଦ୍ରାପଡା ମହାବିଦ୍ୟାଳୟର ଏହି ସମ୍ମାନ ତାଙ୍କୁ ଗୌରବାନ୍ୱିତ କରିଛି ବୋଲି ପୁରସ୍କାର ଗ୍ରହଣ କରି ସେ କହିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡଃ. ବାସୁଦେବ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପ୍ରାକ୍ତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ମହାବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ଖୋଲାଯିବା, ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଅଭାବ ପୁରଣ କରାଯିବା ଓ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ନିମନ୍ତେ ବିଧାୟକ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇତିହାସ ସୃଷ୍ଟି ହୁଏ ଛୋଟ ଜାଗାରେ କିନ୍ତୁ ଲେଖାଯାଏ ବଡ ଜାଗାରେ ବୋଲି ମତବ୍ୟକ୍

ଆସନ୍ତା ୨୮ ତାରିଖ ରେ ଖୋଲିବ ସମସ୍ତ ବିଦ୍ୟାଳୟ : ଅଭିଭାବକ ଓ ଶିକ୍ଷକଙ୍କ ବୈଠକ

ବାଲେଶ୍ୱର,(ପି.ଏନ): କରୋନା ମହାମାରୀ ଯୋଗୁଁ ଦୀର୍ଘ ଦିନ ଧରି ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହେବା ପରେ (ପ୍ରାୟ ୨ ବର୍ଷ ପରେ), ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡ଼ିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଫେବୃଆରୀ ୨୮ ତାରିଖ ରେ ସମସ୍ତ ପ୍ରାଥମିକ, ଓ ଉକ୍ତ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ଖୋଲିବାକୁ ଯାଉଅଛି । ଏହି ପରିପ୍ରେକ୍ଷିରେ ଆଜି ତା ୨୬ ରିଖ ଶନିବାର ଦିନ ବାଲେଶ୍ୱରରେ ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଡକାଯାଇ ବିଦ୍ୟାଳୟ ଖୋଲିବା ସମ୍ପର୍କରେ ଓ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କର ନିରାପତ୍ତା ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଖୋଲିବା ପାଇଁ ଅଭିଭାବକ ମାନେ ଆଗ୍ରହ ପ୍ରକାଶ କରିଛନ୍ତି । ଦୀର୍ଘଦିନ ଧରି ଛାତ୍ର ଛାତ୍ରୀ ମାନେ ପାଠ ପଢ଼ାରୁ ଓ ସ୍କୁଲରୁ ଦୁରେଇ ରହିଥିବାରୁ, ସେମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଆକୃଷ୍ଟ କରିବା ପାଇଁ ଏକ କାର୍ଯ୍ୟକ୍ରମ "ବିଦ୍ୟାଳୟ ଫେରିଚାଲ" "ଶିକ୍ଷା ସଚେତନତା ରଥ" ପ୍ରତ୍ୟେକ ବ୍ଲକରେ ପ୍ରତ୍ୟେକ ଗ୍ରାମ, ବସ୍ତି ପହଞ୍ଚି ପ୍ରଚାର ମାଧ୍ୟମରେ ପିଲା ଓ ସେମାନଙ୍କ ଅଭିଭାବକ ମାନଙ୍କୁ ସଚେତନ କରାଇବେ ଓ ପ୍ରତ୍ୟେକ ପିଲାଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଆଣି ପୂର୍ବ ପରି ପାଠ ପଢ଼ାରେ ମନ ନିବେଶ କରିବା ପାଇଁ ପ୍ରବର୍ତ୍ତାଇବେ । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ଦ୍ୱାରା ପରିଚାଳନା କରାଯାଉଅଛି ।

ରଚି ଫେଷ୍ଟିଭାଲ ଅଫରରେ ଗ୍ରାହକମାନଙ୍କୁ ଆକର୍ଷଣୀୟ ପୁରସ୍କାର: ରଚି ଗ୍ରାହକ ଜିତିଲେ ୧୨ଲକ୍ଷ ଟଙ୍କାର କାର

ଫଟୋ- ଶୁଭେନ୍ଦୁ

ଭୁବନେଶ୍ୱର,(ପି.ଏନ): ଓଡିଶାରେ ଘରେ ଘରେ ବେଶ୍ ଲୋକପ୍ରିୟ ରଚି ମସଲା ଦୀର୍ଘ ୪୬ବର୍ଷ ଧରି ତା'ର ପ୍ରିୟ ଗ୍ରାହକମାନଙ୍କୁ ବିଭିନ୍ନ ସମୟରେ ସେମାନଙ୍କ ସହଯୋଗ ପାଇଁ ବିଶେଷ ଉପହାର ଓ ରିହାତି ପ୍ରଦାନ କରିଆସୁଛି । ଏହି କ୍ରମରେ ଗତବର୍ଷ ଜୁଲାଇ-ନଭେମ୍ବର ମଧ୍ୟରେ ରଚି କରି ପାଉଡର , ଚିକେନ୍ ମସଲା, ମିଟ୍ ମସଲା ଓ ଗରମ ମସଲାର ୫୦ ଓ ୧୦୦ ଗ୍ରାମ ପ୍ୟାକ୍‌କୁ ନେଇ ଫେଷ୍ଟିଭାଲ ବୋନାଂଜା ଅଫର ଜରିଆରେ ଗ୍ରାହକମାନେ ପ୍ରତିଦିନ ସ୍ୱର୍ଣ୍ଣ ଓ ରୌପ୍ୟମୁଦ୍ରା ଉପହାର ଜିତଥିଲେ । ଲକ ଡ୍ର ଜରିଆରେ ଉଠାଣ କରାଯାଇ ବର ପୁରସ୍କାର ଭାବେ ପାରାଦ୍ୱୀପର ଜଣେ ଗ୍ରାହକ ରଂଜନ ପଟ୍ଟନାୟକ ପ୍ରଥମ ପୁରସ୍କାର ଭାବେ ଜିତିଛନ୍ତି ୧୨ଲକ୍ଷ ଟଙ୍କା ମୂଲ୍ୟର ନେକ୍ସନ କାର । ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ଠାରେ ଆଜି ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଓଡିଆ ଚଳଚ୍ଚିତ୍ର ଜଗତର ତାରକା ଆକାଶ ଦାସ ନାୟକ ଓ ପ୍ରକୃତି ମିଶ୍ର ବିଶିଷ୍ଟ ଅତିଥିଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ଦ୍ୱିତୀୟ ପୁରସ୍କାର ଭାବେ କେନ୍ଦ୍ରାପଡାର ସ୍ୱରାଜ ରାଉତରାୟ, କଟକର ଅକ୍ଷୟ ସ୍ୱାଇଁ, ବ୍ରହ୍ମପୁରର ରବୀନ୍ଦ୍ର କୁମାର ନାୟକଙ୍କୁ ମିଳିଛି ହୋଣ୍ଡା ଆକ୍ଟିଭା ଗାଡି, ଏବଂ ତୃତୀୟ ପୁରସ୍କାର ଭାବେ କଟକର ଜଗନ୍ନାଥ ପାଣିଗ୍ରାହୀ ଓ ସୂର୍ଯ୍ୟକାନ୍ତ ସାହୁ, ଭୁବନେଶ୍ୱରର ଅଭିଜୟ ଦାଶ,ନେମାଳର ମୃତ୍ୟୁଂଜୟ ଦଳାଇ, ପୁରୀର ହିଂମାଶୁ ପ୍ରଧାନଙ୍କୁ ରେଫ୍ରିଜେରେଟର ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଚତୁର୍ଥ ପୁରସ୍କାର ଭାବେ ପୁରୀର ସୁବାସ ସାହୁ, ଭଦ୍ରକର ଶୀତାଂଶୁ ଶେଖର ସାହୁ ଓ ସୁମତନ ନାୟକ, ଭୁବନେଶ୍ୱରର ଲିନା କାନ୍ତି ଓ ଲୋକନାଥ ମହାରଥୀଙ୍କୁ ମାଇକ୍ରୋ ଓଭାନ୍ ଏବଂ ପଂଚମ ପୁରସ୍କାର ଭାବେ ୧୦ଜଣଙ୍କୁ ମିକ୍‌ଚର ଗ୍ରାଇଣ୍ଡର ଉପହାର ପ୍ରଦାନ କରାଯିବା ସହ ଅନ୍ୟ ସାତଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଓଡିଶାର ଏକନମ୍ବର ମସଲା ବ୍ରାଣ୍ଡ ଭାବେ ଅଶେଷ ଲୋକପ୍ରିୟତା ଅର୍ଜନ କରିଥିବା ରଚି ଉଦ୍ୟୋଗ ୪୬ବର୍ଷର ଯାତ୍ରା ମଧ୍ୟରେ କୋଟି କୋଟି ଗ୍ରାହକମାନଙ୍କର ବିଶ୍ୱାସନୀୟତାକୁ ପାଥେୟ କରି ସଫଳତା ପାଇଛି ବୋଲି କହିଥିଲେ ବିଶିଷ୍ଟ ଉଦ୍ୟୋଗୀ ତଥା ରଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ । ଏହି ସ୍ୱତନ୍ତ୍ର ଉପହାର ଯୋଜନାରେ ଗ୍ରାହକମାନଙ୍କ ପାଖରୁ ରଚି ୨୪ଲକ୍ଷ ବାର୍ତ୍ତା ପାଇଥିବା ବେଳେ ୧କୋଟି ୨୦ଲକ୍ଷ ମସଲା ପ୍ୟାକେଟ୍ ବିକ୍ରି ମଧ୍ୟ କରିଥିଲା । ଏହି ଯୋଜନା ଅବଧିରେ କମ୍ପାନୀ ୪୦ପ୍ରତିଶତ ଅଧିକ ସାମଗ୍ରୀ ବିକ୍ରି କରିଥିଲା । ପ୍ରତିମାସରେ ପୁରସ୍କାର ସ୍ୱରୂପ ମଧ୍ୟ ପୂର୍ବରୁ ୧୫୦ଜଣ ଗ୍ରାହକଙ୍କୁ ସ୍ୱର୍ଣ୍ଣ ଓ ୧୫୦ଜଣ ଗ୍ରାହକଙ୍କୁ ରୌପ୍ୟମୁଦ୍ରା ପ୍ରଦାନ କରାଯାଇଛି । ମସଲା, ସିମାଇ, ପାସ୍ତା, ନୁଡୁଲସ୍, ସେରେଲ୍‌ସ, ଫ୍ରୋଜନ ରେଡି ଟୁ ଇଟ୍ ଓ ରେଡି ଟୁ କୁକ୍ ସାମଗ୍ରୀ ସହିତ ଅନେକ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟସାମଗ୍ରୀ ଏବଂ ପାନୀୟ ପ୍ରସ୍ତୁତ କରୁଥିବା ଓଡିଶାର ଏକ ବୃହତ ଖାଦ୍ୟପ୍ରକ୍ରିୟାକରଣ ଅନୁଷ୍ଠାନ ଭାବେ ରଚି ଓଡିଶା ଏବଂ ଓଡିଶା ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆଗାମୀ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ପରିପ୍ରେକ୍ଷୀରେ ଗ୍ରାହକମାନଙ୍କ ପାଇଁ ଅନୁରୂପ ଉପହାର ଯୋଜନା ଜାରି ରହିବ ବୋଲି କହିଥିଲେ ନିର୍ଦ୍ଦେଶକ ଅରବିନ୍ଦ ସାହୁ । ଏହି ଅବସରରେ ରଚି ସାମଗ୍ରୀଗୁଡିକୁ ନେଇ ପ୍ରସ୍ତୁତ ମସାଲେଦାର କଂବୋ ପ୍ୟାକ୍ ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହି ପୁରସ୍କାର ବିତରଣୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରଚିର ନିର୍ଦ୍ଦେଶିକା ସଂଗୀତା ସାହୁ, ରଶ୍ମୀ ସାହୁ,ସଲିନା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରଚିର ମାର୍କେଟିଂ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହ ଅବସରରେ ମୋକ୍ଷ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା । ରଚିର ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ହେରାଲଡ୍‌ର ମୁଖ୍ୟ ସୂର୍ଯ୍ୟ ରଥ, ହ୍ୱାଇଟ୍ କାନଭାସ୍‌ର ମୁଖ୍ୟ ଉଲ୍ଲାସ ବେହୁରା, ଉପପ୍ରବନ୍ଧକ ନ୍ୟାୟବ୍ରତ ରାଉତ, ଅଙ୍କିତ ମହାପାତ୍ର, ସାଗର ରଂଜନ ବାରିକ ଓ ସୋନାଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବଡ ପରାଜୟ ଜାଣିବା ପରେ ବିଜେପି କର୍ମୀ ଅବସାଦଗ୍ରସ୍ତ : ବିଜେଡି

ଭୁବନେଶ୍ୱର,(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବଡ ବ୍ୟବଧାନରେ ପରାଜୟ ଜାଣିବାପରେ ଓଡ଼ିଶା ବିଜେପିର କର୍ମୀମାନେ ଗଭୀର ଅବସାଦଗ୍ରସ୍ତ ଓ ହତାଶ ହୋଇଛନ୍ତି । ମନୋବଳ ଭାଙ୍ଗି ଯାଇଥିବା ଏହି କର୍ମକର୍ତାଙ୍କୁ ଉତ୍ସାହିତ କରିବାପାଇଁ ଓଡିଶା ବିଜେପି ସଭାପତି ଉଦ୍ୟମ ଚଳାଇଥିବା କହିଛନ୍ତି ବିଜେଡି ପ୍ରବକ୍ତା ସୁଲତା ଦେଓ ।ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ପ୍ରବକ୍ତା ଶ୍ରୀମତୀ ଦେଓ କହିଛନ୍ତି ଯେ ଓଡିଶା ବିଜେପି ସଭାପତିଙ୍କର ଆଜିର ସାମ୍ବାଦିକ ସମ୍ମିଳନୀ ହତାଶ ହୋଇ ପଡିଥିବା ବିଜେପି କର୍ମୀଙ୍କୁ କୌଣସି ପ୍ରକାରେ ଉତ୍ସାହିତ କରିବା ପାଇଁ ଏକ ପ୍ରୟାସ ଥିଲା । ତେବେ ସେ ତାହା କରିବାରେ ବିଫଳ ହୋଇଛନ୍ତି । ଓଡ଼ିଶାର ଲୋକ ଏକ ସ୍ୱରରେ ଓଡ଼ିଶା ବିଜେପିକୁ ପଞ୍ଚାୟତ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଆଗାମୀ ପୌର ନିର୍ବାଚନରେ ମଧ୍ୟ ଓଡିଶା ବିଜେପିକୁ ପରାସ୍ତ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀମତୀ ଦେଓ କହିଛନ୍ତି ।

ଶାସକ ଦଳକୁ ଜିତାଇବାର ଗଳାବାଟ ତିଆରି କରିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ: ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): ନିର୍ବାଚନ କମିଶନ ପକ୍ଷଭୁକ୍ତ ହୋଇ ଶାସକ ଦଳକୁ ଜିତାଇବାର ଗଳାବାଟ ତିଆରି କରିଛନ୍ତି ଏବଂ ଧାର୍ଯ୍ୟ ପଂଚାୟତ ମାନୁଆଲର ଗାଇଡଲାଇନକୁ ପଛରେ ପକାଇ ମନଇଚ୍ଛା ନୂଆ ନିୟମ ତିଆରି କରୁଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ । ଯାହାକି ପଂଚାୟତ ଆଇନକୁ ସଂପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି । ସମସ୍ତ ରାଜନୈତିକ ଦଳର ଆଡୁଆଳରେ ଏବଂ ରାଜ୍ୟବାସୀଙ୍କ ଅଗୋଚରରେ ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟ ନିର୍ବାଚନ କମିଶନ ଗଳାବାଟ ସୃଷ୍ଟି କରିଛନ୍ତି । ଶାସକ ବିଜେଡି ସପକ୍ଷରେ ରାଜ୍ୟ ନିର୍ବାଚନ କମିଶନ ମେଜିକ୍‌ସିଆନ ସାଜି ଚକ୍ଷୁବନ୍ଧନ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି । ନିର୍ବାଚନ ସରିବା ପରେ ପ୍ରିଜାଇଡିଂ ଅଫିସର ଦେଇଥିବା ସାର୍ଟିଫିକେଟ ଫର୍ମ-୧୧ରେ ଉଲ୍ଲେଖ ହୋଇଥିବା ସମୁଦାୟ ଭୋଟ ସଂଖ୍ୟା ଏବଂ ଭୋଟ ବାକ୍ସରୁ ବାହାରୁଥିବା ଭୋଟ ସଂଖ୍ୟାରେ ତାଳମେଳ ନ ରହିଲେ ଏହାକୁ କଣ ଭୋଟ ଟେମ୍ପରିଂ କୁହାଯିବ ନାହିଁ ? ଅନ୍ୟ ପଟେ ଯଦି, ଭୋଟ ବାକ୍ସରେ ବାହାରିଥିବା ବାଲାଟ୍ ପେପର ହିଁ ସିଦ୍ଧ, ତାହେଲେ ମତଦାନ ସମାପ୍ତ ହେବା ପରେ ପ୍ରିଜାଇଡିଂ ଅଫିସର ଦ୍ୱାରା ପ୍ରଦାନ କରାଯାଇଥିବା ସାର୍ଟିଫିକେଟ (ଫର୍ମ-୧୧) କେବଳ ଏକ ପ୍ରହସନ ଥିଲା କି ବୋଲି ପ୍ରଶ୍ନ କରିବା ସହିତ ଏ ସଂପର୍କରେ ରାଜ୍ୟବାସୀଙ୍କ ସମ୍ମୁଖରେ ନିର୍ବାଚନ କମିଶନ ସ୍ୱଷ୍ଟୀକରଣ ଦେବା ନିହାତି ଉଚିତ୍ ବୋଲି ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ରାଜ୍ୟ ନିର୍ବାଚନ ଆୟୋଗ ଯେଉଁ ଗଣତି ପ୍ରକ୍ରିୟା (ଭୋଟ ବାକ୍ସରୁ ବାହାରିଥିବା ସମସ୍ତ ଭୋଟ ସିଦ୍ଧ ରହିବ) ବୋଲି ଚିଠି କରିଛନ୍ତି ତାହାକୁ ନିର୍ବାଚନ ଦାୟୀତ୍ୱରେ ଥିବା ସମସ୍ତ ଜିଲ୍ଲାପାଳ ଓ ବିଡିଓମାନଙ୍କୁ ପଠାଇଥିବାବେଳେ ଏଯାଏଁ କାହିଁକି ନିର୍ବାଚନ କମିଶନ ୱେବସାଇଟରେ ପ୍ରକାଶ କରାଯାଇ ନାହିଁ ? ମନ୍ଦ ଉଦ୍ଦେଶ୍ୟ ରଖି ନିର୍ବାଚନ କମିଶନ ଲୁଚାଛପାରେ ନିର୍ବାଚନ ପରିଚାଳନନା ଦାୟୀତ୍ୱରେ ଥିବା ବିଡିଓ ଓ ଜିଲ୍ଲାପାଳଙ୍କୁ ସର୍କୁଲାର ପଠାଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ନିର୍ବାଚନ ସମୟରେ ଏବଂ ଷ୍ଟ୍ରଙ୍ଗରୁମରେ ହେବାକୁ ଥିବା ହେରାଫେରାକୁ ଆଇନଗତ ସିଦ୍ଧ କରିବା ପାଇଁ ଅପଚେଷ୍ଟା କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ପଂଚାୟତ ନିର୍ବାଚନ ମାନୁଆଲରେ ଗଣତି ପ୍ରକ୍ରିୟା ସଂପର୍କରେ ସ୍ୱଷ୍ଟ କଲେ ନାହିଁ ନିର୍ବାଚନ କମିଶନ । ମନ୍ଦ ଉଦ୍ଦେଶ୍ୟ ରଖି ନିର୍ବାଚନ କମିଶନ ଲୁଚାଛପାରେ ଜାରୀ କରିଥିବା ଚିଠି ନମ୍ବର ୨୧୫୬/ଝରଉକୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ଆସନ୍ତା କାଲିଠୁ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବାକୁ ଥିବା ପଂଚାୟତ ଭୋଟ ଗଣତି ପ୍ରକ୍ରିୟା ପାଇଁ ନିର୍ବାଚନ କମିଶନ ଦୃଢ ଓ ସ୍ୱଚ୍ଛ ପଦକ୍ଷେପ ନେବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି । ଏହି ଅବସରରେ ବ୍ରହ୍ମଗିରି ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ମୁଖପାତ୍ର ରମାରଂଜନ ବଲିୟାରସିଂହ, ଠାକୁର ରଞ୍ଜିତ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ଜୀବନ ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଜଙ୍ଗଲ ଶ୍ରମିକଙ୍କ ରାଜ୍ୟସ୍ତରୀୟ ଦୁଇ ଦିନିଆ ମହିଳା ନେତୃତ୍ୱ ତାଲିମ୍ ସିବିର

ଭୁବନେଶ୍ୱର,(ପି.ଏନ): ଅଣସଂଗଠିତ କ୍ଷେତ୍ରରେ ବିଶେଷ ଭାବେ କେନ୍ଦୁପତ୍ର ତୋଳାଳି ଓ ଶାଳପତ୍ର ତୋଳାଳି ଏବଂ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ମହିଳା ଶ୍ରମିକଙ୍କର ଏକ ଦୁଇ ଦିନିଆ ନେତୃତ୍ୱ ତାଲିମ ଶିବିର, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କାର୍ଯ୍ୟାଳୟ ଜି.ରାମାନୁଜମ କନଭେନସନ୍ ସେଣ୍ଟର, ସାମନ୍ତପୁରୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଠାରେ ତା.୨୬-୨୭ ଫେବୃୟାରୀ ୨୦୨୨ ରିଖ ଦିନ ଅନୁଷ୍ଠିତ ହୋଇଅଛି । ଆନ୍ତର୍ଜାତିକ ଶ୍ରମିକ ମହାସଂଘ ସହାୟତାରେ ଉକ୍ତ ଦୁଇଦିନିଆ ରାଜ୍ୟ ସ୍ତରୀୟ ମହିଳା ନେତୃତ୍ୱ ତାଲିମ ଶିବିରକୁ ଆନ୍ତର୍ଜାତିକ ଶ୍ରମିକ ମହାସଂଘ ଦକ୍ଷିଣ ଏସିଆ ଉପସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ଡଃ ରାମଚନ୍ଦ୍ର ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ଶ୍ରମିକ ନେତା ପଞ୍ଚାନନ କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ତାଲିମ ଶିବିରରେ ଓଡ଼ିଶା ଫରେଷ୍ଟ ଆଣ୍ଡ ମାଇନର ଫରେଷ୍ଟ ପ୍ରଡକ୍ଟ ୱାର୍କରସ୍ ୟୁନିଅନ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଓ ଜାତୀୟ ନିର୍ମାଣ ଓ ଜଙ୍ଗଲ ଶ୍ରମିକ ମହାସଂଘର ୩୦ ଜଣ ମହିଳା ନେତ୍ରୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସାଧାରଣ ସଂପାଦକ କିଶୋର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ, ଉପସଭାପତି-ମଦନ ମୋହନ ଧଳ ତାଲିମ ଶିବିରର ଲକ୍ଷ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ ଏବଂ ରାଜ୍ୟ ମହିଳା ଶାଖା ଅଧ୍ୟକ୍ଷା ପ୍ରଣତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜଙ୍ଗଲ ଶ୍ରମିକ ଭାବରେ କାର୍ଯ୍ୟରତ ଲକ୍ଷଲକ୍ଷ ମହିଳା କାର୍ଯ୍ୟ କରୁଥିବାବେଳେ ସେମାନେ ସେମାନଙ୍କର ନାର୍ଯ୍ୟ ଅଧିକାରରୁ ବଂଚିତ ହେବା ସହିତ ପରିଣତ ବୟସରେ ସାମାଜିକ ସୁରକ୍ଷା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି । ଫଳରେ ଗରିବ ଶ୍ରମିକମାନେ ହାଃ ହୁତାସରେ ଜୀବନ ବିତାଉଛନ୍ତି । ରାଜ୍ୟରେ କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ୮୦ ଭାଗ ମହିଳା କାର୍ଯ୍ୟରତ ଥିବାବେଳେ ଶାଳପତ୍ର ସଂଗ୍ରହ କରି ଖଲି ଚଉତି ପ୍ରସ୍ତୁତ କରି ଜୀବିକା ନିର୍ବାହ କରୁଥିବା ଶ୍ରମିକ ମଧ୍ୟରେ ମହିଳାଙ୍କ ସଂଖ୍ୟା ୯୦ ପ୍ରତିଶତ, କେନ୍ଦୁପତ୍ର ଶ୍ରମିକଙ୍କ ପାଇଁ କଲ୍ୟାଣ ପରିଷଦ ଗଠନ ହୋଇଥିଲେ ମଧ୍ୟ ସମସ୍ତ ଶ୍ରମିକ କଲ୍ୟାଣକାରି ଯୋଜନା ପାଇବାରୁ ବଞ୍ଚିତ । କେନ୍ଦୁପତ୍ରରେ ଦୁଇ ଥର ଜି.ଏସ୍.ଟି ଲାଗୁ କରାଯାଉଥିବାରୁ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣ ପାଣ୍ଠି ଶ୍ରମିକ ସ୍ୱାର୍ଥରେ ଲାଗୁନାହିଁ । ଏହା ମଧ୍ୟ କେନ୍ଦୁପତ୍ର ଶ୍ରମିକ କଲ୍ୟାଣ ବୋର୍ଡ଼ର ଅନୁମୋଦନ ହୋଇନାହିଁ । ସେହିଭଳି ଶାଳପତ୍ର ତୋଳାଳିମାନଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟ ମିଳୁନାହିଁ । ସରକାର ରାଜ୍ୟରେ ବନ୍ୟଜନ୍ତୁଙ୍କର ହିସାବ ରଖୁଥିବାବେଳେ ଶାଳପତ୍ର ତୋଳାଳି କେତେ ଶ୍ରମିକ ଜୀବନ ଜିଉଁଛନ୍ତି ତାହାର ହିସାବ ସରକାରଙ୍କ ପାଖରେ ନଥିବା ସବୁଠାରୁ ବଡ଼ ବିଡ଼ମ୍ବନାର ବିଷୟ । ଏହାବ୍ୟତିତ ଲଘୁଜନଜାତ ଦ୍ରବ୍ୟ ଯଥା ଶାଳମଞ୍ଜି, ମହୁଲ ଟୋଳ, ଝୁଣା, ଲାଖ, ପୋଲାଙ୍ଗ, କରଞ୍ଜ ପ୍ରଭୃତି ଦ୍ରବ୍ୟର କୌଣସି ସହାୟକ ମୂଲ୍ୟ ନଥିବାରୁ ଅସାଧୁ ବେପାରୀମାନଙ୍କ ଦ୍ୱାରା ଶ୍ରମିକମାନେ ଶୋଷିତ ହେଉଛନ୍ତି । ଦିନକୁ ଦିନ ଜଙ୍ଗଲ କ୍ଷୟ ହେଉଥିବାରୁ ଜଙ୍ଗଲ ଉପରେ ନିର୍ଭର କରି ପରିବାର ପୋଷୁଥିବା ଲକ୍ଷ ଲକ୍ଷ ଶ୍ରମିକ ଭବିଷ୍ୟତ ଅନ୍ଧକାର ଆଡ଼କୁ ଯାଉଛି । ଏହି ଜଙ୍ଗଲ ଶ୍ରମିକମାନଙ୍କର ବର୍ଷସାରା କାର୍ଯ୍ୟନଥାଏ । ଏମାନେ ବର୍ଷକୁ ମାତ୍ର ୨/୩ ମାସ କେନ୍ଦୁପତ୍ର, ଶାଳପତ୍ର ସଂଗ୍ରହ କରନ୍ତି । ଏମାନଙ୍କ ପାଇଁ ବିକଳ୍ପ ନିଯୁକ୍ତି ନାହିଁ । ଜଙ୍ଗଲ ସଂରକ୍ଷଣ ଓ ବୃକ୍ଷରୋପଣ କାର୍ଯ୍ୟ ରାଜ୍ୟରେ ବ୍ୟାପକ ଭାବରେ କରାଯାଉଥିଲେ ମଧ୍ୟ ଏହିକାର୍ଯ୍ୟରେ ଜଙ୍ଗଲ ଅଂଚଳର ଅଧିବାସୀ ଓ ଜଙ୍ଗଲ ଶ୍ରମିକ ମାନଙ୍କୁ ନିଯୁକ୍ତି ମିଳୁନାହିଁ । ଏହାବ୍ୟତିତ ଆହୁରି ଅନେକ ସମସ୍ୟା ସମାଧାନ ପାଇଁ ମହିଳା ଶ୍ରମିକ ମାନଙ୍କ ମଧ୍ୟରେ ସଚେତନତା ଶିକ୍ଷା, ନେତୃତ୍ୱ ତାଲିମ ଆବଶ୍ୟକତା ଅତ୍ୟନ୍ତ ଜରୁରୀ ଅଟେ । ଏହି କାର୍ଯ୍ୟକ୍ରମ ଦ୍ୱାରା ମହିଳା ଶ୍ରମିକ ଭବିଷ୍ୟତରେ ନେତୃତ୍ୱ ନେଇ ସେମାନେ ବହୁ ସମସ୍ୟାର ସମାଧାନ କରିବା ସହିତ ଆଗାମି ଦିନରେ ଆସୁଥିବା ଆହ୍ୱାନର ସମ୍ମୁଖୀ

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Sunday February 27 | ଭୁବନେଶ୍ୱର ରବିବାର, ଫେବୃଆରୀ ୨୭,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

କିଟ୍‌ରେ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ମହିଳା ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ

ଭୁବନେଶ୍ୱର,(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟରେ ଚାଲୁଥିବା ୮୧ତମ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ ମହିଳା ଚାମ୍ପିଅନ୍‌ସିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, କିସ୍ ବିଶ୍ୱବିଦ୍ୟାଳୟ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନ୍‌ସିପ୍‌ରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ କାଲିକଟ ବିଶ୍ୱବିଦ୍ୟାଳୟ ଓ ତୃତୀୟ ସ୍ଥାନରେ ଲଭ୍‌ଲୀ ପ୍ରଫେସନାଲ୍ ବିଶ୍ୱବିଦ୍ୟାଳୟ ରହିଛି। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ତଥା ଅଲିମ୍ପିଆନ୍ ଓ ଅର୍ଜୁନ ପୁରସ୍କାର ପ୍ରାପ୍ତ ଧାବିକା ଦୂତି ଚାନ୍ଦ ଶ୍ରେଷ୍ଠ କ୍ରୀଡ଼ାବିତ ବିବେଚିତ ହୋଇଛନ୍ତି। ଆଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରାଅଲିମ୍ପିଆନ୍ ଖେଳରତ୍ନ ପଦ୍ମଶ୍ରୀ ଡ. ଦିପା ମଲ୍ଲିକ୍ ଯୋଗଦେଇ କହିଲେ ଖେଳରେ ହାର ଜିତ ରହିଛି। କିନ୍ତୁ କ୍ରୀଡ଼ା ଆମକୁ ଶୃଙ୍ଖଳା, ଧୈର୍ଯ୍ୟ, ଏକାଗ୍ରତା ଓ ବନ୍ଧୁତା ଶିକ୍ଷା ଦେଇଥାଏ। ଏହା ମଧ୍ୟ ଗୁରୁ ଓ ଶିଷ୍ୟ ପରମ୍ପରା ଶିକ୍ଷା ଦେଇଥାଏ ବୋଲି କହିଥିଲେ। ପୁରସ୍କାର ବିତରଣ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ ସତ୍ୟପାଲ୍ ସିଂହ ପ୍ରମୁଖ ଉପସ୍ଥିତ ରହି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ୪ଦିନ ବ୍ୟାପୀ ଚାଲିଥିବା ଏହି ଚାମ୍ପିଅନ୍‌ସିପ୍‌ରେ ୨୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟରୁ ୨୦୦୦ରୁ ଊର୍ଦ୍ଧ୍ୱ ଖେଳାଳି, କୋଚ୍ ଓ ଅଫିସିଆଲ୍ ଯୋଗ ଦେଇଥିବାବେଳେ ଅନେକ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଖେଳାଳି ଏବଂ ପ୍ରତିଷ୍ଠିତ କୋଚ୍ ଯୋଗ ଦେଇଥିଲେ।

'ଗ୍ଲୋବାଲ ଇଣ୍ଡିଆ ଆଚିଭ୍‌ମେଣ୍ଟ୍' ପୁରସ୍କାରପ୍ରାପ୍ତ ବରିଷ୍ଠ ସାମ୍ବାଦିକ ରବି ରଥ ଓ ଚିକିତ୍ସାବିତ୍ ଡ଼ା. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ସମ୍ବର୍ଦ୍ଧିତ

ବ୍ରହ୍ମପୁର,(ପି.ଏନ): ନୂଆଦିଲ୍ଲୀରୁ ସମ୍ମାନଜନକ ଗ୍ଲୋବାଲ ଇଣ୍ଡିଆ ଏକ୍ସଲେନ୍ସ ଆଚିଭମେଣ୍ଟ ଆୱାର୍ଡ-୨୦୨୧ରେ ସମ୍ମାନିତ ବ୍ରହ୍ମପୁର ମହାନଗରର ଦୁଇ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ବରିଷ୍ଠ ସାମ୍ବାଦିକ ତଥା 'ନବୀନ'ର ସମ୍ପାଦକ ରବି ରଥ ଓ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡ଼ା.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ଭଗବତ ଚାରିଟେବଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବୈକୁଣ୍ଠ ନଗରସ୍ଥିତ ସାଇ ସଦନ କଲ୍ୟାଣ ମଣ୍ଡପ ପରିସରରେ ଟ୍ରଷ୍ଟର ଅଧ୍ୟକ୍ଷ ଏସ୍.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବର୍ଷିୟାନ ଭେଷଜ୍ ବିଶେଷଜ୍ଞ ଡ଼ା. ପି.ସି. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ସମ୍ମାନିତ ପ୍ରତିଭାଙ୍କୁ ଉପଢ଼ୌକନ, ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ଼. ଦୟରୁଧର ସାହୁ ଓ ବର୍ଷିୟାନ ଶିକ୍ଷାବିତ ତଥା କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭଗବତ ଚାରିଟେବଲ ଟ୍ରଷ୍ଟର ଏଭଳି ପ୍ରତିଭା ପୂଜା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରଘୁନାଥ ପ୍ରସାଦ ପାଢ଼ୀ ଶର୍ମା, ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ପରିବହନ ଅଧିକାରୀ ଇଂ. ଦେବୀ ପ୍ରସାଦ ପାଢ଼ୀ, ସମାଜସେବୀ ରାମକୃଷ୍ଣ ପାତ, ଡ଼. ଗୋପାଳକୃଷ୍ଣ ପାଣିଗ୍ରାହୀ, ସବିତା ସାହୁକର, ସରିତା ପଣ୍ଡା, ସନ୍ତୋଷିନୀ ବେହେରା, ସୁଶାନ୍ତ କୁମାର କର, କପିଳ ଚନ୍ଦ୍ର ମହାନ୍ତି, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ବି. ସତ୍ୟମ୍ ଆଚାରୀ ଭଜନ ଗାନ କରିଥିବା ବେଳେ ଶେଷରେ ସୁଶ୍ରୀ ଇଶାନୀ ପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟର ସମସ୍ତ ସଦସ୍ୟ, ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ।

ପିସିସି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ ଓ ଶୋକସଭା

ଭୁବନେଶ୍ୱର ,(ପି.ଏନ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ବିଶିଷ୍ଟ ଆଦିବାସୀ ନେତା ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଗଭୀର ଶୋକ ପ୍ରକାଶ କରିଛି। ଆଜି ସକାଳେ ସ୍ୱର୍ଗତ ବିଶ୍ୱାଳଙ୍କ ମରଶରୀର କଂଗ୍ରେସ ଭବନ ଠାରେ ପଂହଚିବା ପରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ, ନିଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁଙ୍କ ସମେତ ବହୁ କଂଗ୍ରେସ ନେତା ସ୍ୱର୍ଗତ ବିଶ୍ୱାଳଙ୍କୁ ଶେଷ ଶ୍ରଦ୍ଧାଳି ଅର୍ପଣ କରିଥିଲେ। ପରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ଆୟୋଜିତ ଶୋକ ସଭାରେ ଶ୍ରଦ୍ଧାଳି ଜଣାଇ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜି. ରୁଦ୍ର ରାଜୁ, ରାମଚନ୍ଦ୍ର ଖୁଂଟିଆ, ସୁରେଶ କୁମାର ରାଉତରାୟ, ଶରତ ପଟ୍ଟନାୟକ, ଜୟଦେବ ଜେନା, ଶରତ ରାଉତ, ଶିବାନନ୍ଦ ରାୟ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଗିରିବାଳା ବେହେରା, ଜିଆଉଲ ହକ, ୟାସିର ନୱାଜ, ବାଙ୍କ ନିଧି ବେହେରା ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କୁ ଜଣେ ଦୃଢ଼ମନା ବ୍ୟକ୍ତିତ୍ୱ ଭାବରେ ବର୍ଣ୍ଣନା କରିଥିଲେ। ସାଂଗଠନିକ କ୍ଷେତ୍ରରେ ହେଉ ଅଥବା ପ୍ରଶାସନିକ କ୍ଷେତ୍ରରେ ହେଉ ସମସ୍ତ ଦାୟୀତ୍ୱକୁ ସେ ସାଲିସ ବିହୀନ ଭାବରେ ନିର୍ବାହ କରୁଥିଲେ। ଦଳିତ, ନିଷ୍ପେସିତ ଜନତାର ବିକାଶ ନିମନ୍ତେ ସେ ସର୍ବଦା କାର୍ଯ୍ୟ କରୁଥିଲେ। ଭୁବନେଶ୍ୱର ଏଜି ଛକ ଠାରେ ଡ. ବି. ଆର ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ସେ ଏକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ବୋଲି ବକ୍ତାମାନେ କହିଥିଲେ। ତାଙ୍କର ନୀତି ଓ ଆଦର୍ଶ ସଂପକରେ ଆଲୋକପାତ କରାଯାଇଥିଲା। ବୈଠକର ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ଅମିୟ କୁମାର ପଟ୍ଟନାୟକ, ହଳଧର ସେଠୀ, ଜ୍ଞାନଦେବ ବେଉରା, ରଶ୍ମି ମହାପାତ୍ର, ସନତ ଦାସ, ନିଶିକାନ୍ତ ମିଶ୍ର, ବିଶ୍ୱଜିତ ଦାଶ, ବିସ୍ମୟ ମହାପାତ୍ର, ସୁବ୍ରତ ମହାପାତ୍ର, ସ୍ୱାଧୀନବାଳା ଦାସ, ତୃପ୍ତି ଦାସ, ରସିକ ପଟ୍ଟନାୟକ, ଲିଙ୍ଗରାଜ ସାହୁ, ସୁଶାନ୍ତ ତ୍ରିପାଠୀ, ସତ୍ୟବ୍ରତ ନାୟକ, ମିହିର ଆଚାର୍ଯ୍ୟ, ବିଷ୍ଣୁ ଚରଣ ବାରିକ, ଜଗନ୍ନାଥ ମିଶ୍ର, ଭିମସେନ ଭୋଇ, ତାପସ ସେଠୀ, ଦୀପକ ମହାପାତ୍ର, ଶୈଳେନ୍ଦୁ ମଜମୁଦାର, ରାଜକିଶୋର ବାରିକ, ସଂକୁନା କହଁର, ସଂଜୀବ ମହାନ୍ତି, କୁସୁମ ପ୍ରଧାନ, ଉମେଶ ସ୍ୱାଇଁ, ସାଗର ପରିଡ଼ା, ଦେବେନ୍ଦ୍ର ପ୍ରସାଦ ଦାସ, ସୁଭାଷ ପ୍ରଧାନ, ରମେଶ ପାତ୍ର, ମନୋଲିଶା ଦାସ, ପ୍ରଭାବତୀ ପଟ୍ଟନାୟକ, ବୁନା ମହାନ୍ତି, ମନୋରନ କୁଣ୍ଡୁ ପ୍ରମୁଖ ବହୁ କର୍ମୀ ଶ୍ରଦ୍ଧାଳି ଅର୍ପଣ କରିଥିଲେ।

ୟୁକ୍ରେନରୁ ପୁଅକୁ ଉଦ୍ଧାର ପାଇଁ ମା'ର ଆକୁଳ ନିବେଦନ

କେନ୍ଦ୍ରାପଡ଼ା,(ପି.ଏନ): ନିଜ ପୁଅକୁ ୟୁକ୍ରେନରୁ ଫେରାଇ ଆଣିବା ପାଇଁ ଜଣେ ମହିଳା ଶନିବାର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଜୟୀପୁରା ଗ୍ରାମର ଉଷାରାଣୀ ରାଉତ ୟୁକ୍ରେନରେ ଡାକ୍ତରୀ ପାଠ ପଢୁଥିବା ତାଙ୍କ ପୁଅ ଅବିନାଶ ରାଉତକୁ ୟୁକ୍ରେନରୁ ତୁରନ୍ତ ଫେରାଇ ଆଣିବା ପାଇଁ ଆକୁଳ ନିବେଦନ କରି କରିଛନ୍ତି। ୟୁକ୍ରେନର ନାସନାଲ ପ୍ରୋଭ୍ ମେମୋରିଆଲ ମେଡିକାଲ ବିଶ୍ୱବିଦ୍ୟାଳୟରେ ଏମ.ବି.ବି.ଏସ. କୋର୍ସ କରୁଥିବା ତାଙ୍କ ପୁଅ ଅବିନାଶ ୟୁକ୍ରେନର ଭିନିତସିଆର ହଷ୍ଟେଲ ନମ୍ବର-୪ରେ ଏବେ ରହୁଛନ୍ତି। ବର୍ତ୍ତମାନ ରସିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଲାଗିଯାଇଥିବାରୁ ପୁଅ ଅବିନାଶର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ଅବିନାଶକୁ ୟୁକ୍ରେନରୁ ଫେରାଇ ଆଣିବାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ମା' ଉଷାରାଣୀ କେନ୍ଦ୍ରାପଡା ଜିଲ୍ଲାପାଳ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଦେଶମନ୍ତ୍ରୀ ଓ ପୂର୍ବତନ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ପ୍ରମୁଖଙ୍କୁ ପତ୍ରଲେଖି ନିବେଦନ କରିଛନ୍ତି।

କପାସି ସୋସାଇଟିରେ ମହା ଦୁର୍ନୀତି,ଉଚ୍ଚସ୍ତରୀୟ ତଦନ୍ତ ଦାବି

ନିଆଳି,(ପି.ଏନ): କଟକ ଜିଲ୍ଲା ଅଧିନସ୍ଥ ନିଆଳି ବ୍ଲକ୍ କପାସୀ ସେବା ସମବାୟ ସମିତିରେ ଚାଷୀଙ୍କ ନାମ ପଞ୍ଜିକୃତ ତାଲିକାରେ ଥାଇ ମଧ୍ୟ ଚାଷୀ ଧାନ ବିକ୍ରୟ କରି ପାରୁନାହିଁ। କପାସୀ ସମବାୟ ସମିତି ରେ ପଞ୍ଜିକୃତ କରିଥିବା ଚାଷୀଙ୍କ ମଧ୍ୟରୁ ପ୍ରାୟତଃ ୭୦ ଭାଗ ଚାଷୀ ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରିକୁ ନେଇ ଚିନ୍ତାରେ ଅଛନ୍ତି।ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ତାରିଖ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀଙ୍କ ଠାରୁ ଧାନ କିଣା ଯାଇନାହିଁ । ଜାନୁୟାରୀ ମାସରେ ଟୋକନ୍ ପାଇଥିବା ଚାଷୀଙ୍କର ଧାନ ଫେବୃୟାରୀ ମାସରେ କିଣା ଯାଉଛି।ସାଧାରଣରେ ଅଭିଯୋଗ ହେଉଛି ଯେ ଏହି ସମବାୟ ସମିତିର ସେକ୍‌ରେଟାରୀ ଚାଷୀଙ୍କ ଉପରେ ପ୍ରାଧାନ୍ୟ ନଦେଇ ସ୍ଥାନୀୟ ଧାନ ବେପାରୀଙ୍କ ଉପରେ ଅଧିକ ପ୍ରାଧାନ୍ୟ ଦେଉଛନ୍ତି।ପ୍ରତ୍ୟେକ ମଣ୍ଡି ବାରରେ ବେପାରୀଙ୍କ ଭିଡ ଦେଖିବାକୁ ମିଳୁଛି,ଶତକଡା ୯୦ ଭାଗ ବେପାରୀ ଥିବା ବେଳେ ମାତ୍ର ୧୦ ଭାଗ ଚାଷୀଙ୍କୁ ନେଇ ଏହି ମଣ୍ଡି ଚାଲୁଥିବାର ମଧ୍ୟ ଅଭିଯୋଗ ହେଉଛି।ଯାହା ଫଳରେ ଚାଷୀମାନେ ବେପାରୀଙ୍କୁ ଅତି କମ୍ ମୂଲ୍ୟରେ ବିକ୍ରୀ କରିବା ପାଇଁ ବାଧ୍ୟ ହେଉଛନ୍ତି। ଚାଷୀ ନିଜର ଧାନ ବିକ୍ରୟ ର ସଠିକ୍ ତାରିଖ ସେକ୍‌ରେଟାରୀ ସୌମେନ୍ଦ୍ର ଲେଙ୍କା ମହୋଦୟ ଙ୍କୁ ପଚାରିବାରୁ ,ସେକ୍‌ରେଟାରୀ ମହୋଦୟ ଧାନ କିଣା ହେବ କି ନ ହେବ ଠିକ୍ ଭବେ କହି ପାରୁନାହାଁନ୍ତି।ଏଥି ସହିତ ମିଛ ତାରିଖ କହି ଚାଷୀଙ୍କୁ ଭ୍ରମିତ କରୁଛନ୍ତି।ଚାଷୀଙ୍କୁ ଦିଆ ଯାଇଥିବା ତାରିଖ ରେ ଚାଷୀ ଧାନ ମଣ୍ଡିକୁ ଆଣି ଫେରେଇକି ନେଉଛନ୍ତି।ବାଧ୍ୟ ହେଇ ବେପାରୀଙ୍କୁ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି।ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ ଭାଗ ଚାଷୀଙ୍କର ଧାନ କିଣା ଯାଇଥିବା ବେଳେ ୮୦ ଭାଗ ଲୋକ ଧାନ ବିକ୍ରିକୁ ନେଇ ଚିନ୍ତାରେ ଅଛନ୍ତି।ବେପାରୀଙ୍କ ଠାରୁ ଧାନ କିଣା ଯାଉଥିବା ବେଳେ ପଞ୍ଜିକୃତ ଚାଷୀଙ୍କ ଠାରୁ କାହିଁକି କିଣା ଯାଉନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। କପାସି ସେବା ସମବାୟ ସମିତି ରେ ଧାନ ବିକା କିଣାକୁ ନେଇ ବିପୁଳ ମାତ୍ରାରେ ଦୁର୍ନୀତି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି।ବେପାରୀ ଙ୍କ ର କୌଣସି ପଞ୍ଜିକୃତ ତଥ୍ୟ ନ ଥାଇ ମଧ୍ୟ ସେମାନେ କିଭଳି ଭାବରେ ସହ ସହ ବସ୍ତା ଧାନ ବିକ୍ରି କରୁଛନ୍ତି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।ଏଭଳି ଜଣେ ବ୍ୟକ୍ତି ସମବାୟ ସମିତିର ସେକ୍‌ରେଟାରୀ ରହିଲେ କପାସି ସେବା ସମବାୟ ସମିତି ସମ୍ପୂର୍ଣ୍ଣ ଭାବରେ ଦୁର୍ନୀତିରେ ପରିପୂର୍ଣ୍ଣ ହେବା ଅସମ୍ଭବ ନୁହେଁ।ଏହି ବିଷୟରେ ଆମେ ସେକ୍‌ରେଟାରୀ ସୌମେନ୍ଦ୍ର ଲେଙ୍କାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେବେ ନାହିଁ ବୋଲି କହିଥିଲେ।ଯଦି ସେ ନିର୍ମଳ ତେବେ ମିଡ଼ିଆ ସାମ୍ନାରେ କିଛି ଉତ୍ତର ରଖୁ ନାହାନ୍ତି କାହିଁକି ବୋଲି କେତେକ ଚାଷୀ ପ୍ରଶ୍ନ କରିଛନ୍ତି।ତୁରନ୍ତ ଉଚ୍ଚ କତୃପକ୍ଷ ହସ୍ତକ୍ଷେପ କରି ଏହି ଘଟଣାର ତଦନ୍ତ କରି ସେକ୍‌ରେଟାରୀ ସୌମେନ୍ଦ୍ର ଲେଙ୍କା ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ଯୋର ଧରିଛି।

ADMISSION OPEN
MAHARISHI PUBLIC SCHOOL
STD-I TO V
25% SEATS ARE RESERVED FOR EWS STUDENTS IN STD - 1 ENROLL YOUR CHILD TODAY

FIND THE DIFFERENCE
- SURVEILLANCE THROUGH CCTV CAMERA
- SMALL CLASSES
- CONGENIAL ENVIRONMENT
- INTIMATE, SAFE & SECURED PLACE
- INDIVIDUALS ATTENTION TO EACH CHILD
- EXPERIENCED & LOVING TEACHERS
- SPECIOUS PLAYGROUND
- AC ACTIVITY ROOM
- TRANSPORT FACILITIES

MAHARISHI PLAY SCHOOL
PLAYGROUP (2+), NURSERY (3+), LKG, UKG, STD I TO V
N-4/F-24, IRC VILLAGE, NAYAPALLI, BHUBANESWAR - 751015
PH : (0674) 2558884 2550786, 9348320060
E-mail : maharishipublic13@gmail.com, Website : www.maharishipublicschool.com

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray